# ଭଏସ୍ ଅଫ୍ ଭିକ୍ଟିମ୍ସ
# Voice of Victims

RNI Regd. No. :ODIMUL/2023/89182 | Weekly Multilingual | Rs - 5.00

ଭାଗ:୨, ସଂଖ୍ୟା: ୩୧, ଭୁବନେଶ୍ୱର, ଜୁନ୍ ୧୬ -୨୨, ୨୦୨୫, Vol: 2, Issue: 31, Bhubaneswar, June 16- 22, 2025 Pages- 8


# Data Privacy vs. National Security: A Legal Tug of War in the Digital Age


**Amlan Paikaray**


As technology becomes deeply embedded in every aspect of our lives, the lines between personal freedom and collective security have become increasingly blurred. As an observer deeply concerned about both individual liberties and national integrity, I find myself grappling with the growing conflict between data privacy and national security. In India's rapid transformation into a digital society, I believe this dilemma is not only legal in nature but profoundly ethical, touching upon the core values of our Constitution. The increasing reliance on digital platforms has made personal data a central element of both governance and surveillance. But while I recognize the need for strong security mechanisms to protect our nation from evolving threats, I am equally wary of how easily such powers can infringe upon civil liberties when left unchecked.

The turning point for me, and perhaps for most Indians, was the 2017 Supreme Court verdict in the Justice K.S. Puttaswamy v. Union of India case. The court's acknowledgment that privacy is a fundamental right under Article 21 of the Indian Constitution was a landmark moment. I viewed this not merely as a legal victory but as a philosophical reaffirmation of the dignity and autonomy of individuals in a democratic society. However, I also understand that rights cannot exist in a vacuum. In certain situations-such as during a national emergency or in cases of terrorism-the state must intervene. Yet, this intervention must be reasonable, proportionate, and governed by the rule of law. Without this balance, there is a real risk of drifting toward authoritarian governance under the pretext of protecting the nation.

In my opinion, national security today demands constant digital vigilance. India faces real and evolving threats-be it cross-border terrorism, cyberattacks, or organized misinformation campaigns. The deployment of digital surveillance tools like the Central Monitoring System (CMS), NATGRID, and the interception powers under Section 69 of the IT Act, while understandable, leave me with concerns about the lack of transparency and judicial oversight. I do not question the need for intelligence gathering. My concern lies in the opaque manner in which these programs often function. We, as citizens, are largely unaware of who monitors our data, under what circumstances, and with what legal accountability.

As a Personal point of view, someone who believes in the promise of digital India, I find the exposure of Aadhaar and PAN details through unauthorized websites in September 2024 deeply alarming. Personally, I consider this not just a technical lapse but a serious failure of our data governance framework. When the sensitive personal information of citizens-including biometric-linked Aadhaar numbers and financial identities like PAN-becomes easily searchable or accessible online, it undermines both public trust and national security. It is shocking to me that despite earlier warnings and breaches, the loopholes still persist, allowing unknown websites to scrape or publish such data without any immediate consequence. I feel that the government's response to this incident has been vague and insufficient. Citizens deserve not only an investigation but also accountability from data controllers, whether they are private entities or state departments. In my view, the lack of a strong deterrent and the absence of transparent communication from official bodies only worsens the situation. If India truly aspires to be a digital superpower, then protecting citizens' digital identities must be treated with the same seriousness as protecting national borders. Our Aadhaar and PAN are more than numbers-they are gateways to our financial and civic lives. Any compromise on their security threatens the foundational trust between citizen and state.

My perspective on the 2023 data breach involving the National Disaster Management Authority (NDMA) was, in my view, a wake-up call that exposed the fragility of cybersecurity within critical government institutions. As someone who believes in the importance of efficient disaster response systems, I was deeply concerned that an agency tasked with national safety during emergencies could itself fall victim to a cyber intrusion. This breach didn't just compromise official data-it potentially endangered sensitive information about disaster preparedness plans, infrastructure vulnerabilities, and personnel details. To me, the incident reflects a broader issue: the absence of a proactive and well-enforced cybersecurity policy across public sector bodies. It is troubling that while private companies are being nudged toward data compliance and digital hygiene, our own disaster management authority appeared unprepared for a cyber crisis. I believe that national resilience isn't just about flood forecasts or earthquake drills-it includes protecting digital infrastructure that holds vital strategic data. The fact that such a breach occurred in an era of escalating cyber threats should push us toward strengthening data protection laws, enhancing institutional preparedness, and making digital accountability a core part of disaster governance. For me, this breach isn't just an IT issue-it's a national security lapse.

The Pegasus spyware controversy in 2021 reinforced my apprehensions. While the government neither confirmed nor denied its involvement, the notion that an advanced military-grade surveillance tool could have been used on journalists, opposition leaders, and activists is deeply disturbing to me. Surveillance, when misused, becomes a weapon-not against external enemies, but against democracy itself. The Supreme Court's response, in forming an independent technical committee and emphasizing that national security cannot be used as a blank cheque to suppress accountability, was a step in the right direction. Yet, I remain unconvinced that current laws are adequate to prevent such future overreach.



With the passing of the Digital Personal Data Protection Act, 2023, I had hoped for a strong, citizen-centric legal regime. While the Act does offer a basic framework for consent, data fiduciary obligations, and user rights, it leaves troubling gaps. Section 17, which grants the government sweeping powers to exempt itself from data protection requirements for vaguely defined reasons like national security or public order, seems to me like a legal backdoor for mass surveillance. The absence of an independent and empowered Data Protection Authority is another significant flaw. I feel that without such institutional independence, the enforcement of privacy rights becomes more symbolic than substantive.

The COVID-19 pandemic further tested the balance between public health surveillance and personal data protection. I remember the rollout of the Aarogya Setu app, which was made mandatory in several contexts, and the concerns raised by cybersecurity experts regarding its data collection and lack of clear legislative backing. More recently, the CoWIN data leak allegations in 2023 once again exposed vulnerabilities in how government platforms handle citizens' sensitive information. The state's repeated denial of breaches, without allowing independent verification, does little to build public trust. As someone who believes in the digital future of India, I find this lack of accountability troubling.

What is needed now, in my view, is a comprehensive and layered approach that safeguards both our national interests and our personal freedoms. I strongly advocate for judicial oversight of surveillance activities. The current practice where executive agencies authorize their own surveillance is, to me, inherently flawed. Surveillance, when deemed necessary, should only be permitted after rigorous judicial scrutiny. Furthermore, there must be transparency measures in place-annual reports, usage audits, and parliamentary oversight-to ensure that state agencies are not misusing their powers. The principles of data minimization and purpose limitation should be at the core of all data collection activities. We must not allow ourselves to normalize indiscriminate data gathering in the name of convenience or safety.

Drawing comparisons with global frameworks, I feel India must take cues from rights-respecting democracies. The European Union's GDPR, although not perfect, sets a high bar for individual consent and accountability. While India cannot replicate it entirely due to its unique security challenges, the underlying philosophy-of putting citizens first-must inspire our legal reforms. Even the United Kingdom, under its Investigatory Powers Act, has built in mechanisms for judicial review. If other democracies can integrate privacy and security, so can we.

To me, this issue is not a binary choice between privacy and national security. It is a constitutional tightrope, where the state must walk with caution, guided by principles of proportionality, necessity, and legality. The moment we allow the state to bypass these checks in the name of expedience, we compromise the very values our Constitution seeks to uphold. Data privacy is not about hiding; it's about protecting the autonomy of the individual. National security is not about surveillance alone; it is about safeguarding the democratic way of life. I believe the two can and must coexist, but only within a clearly defined legal and ethical framework.

In conclusion, as a concerned citizen, I feel strongly that India must urgently revisit and strengthen its legal architecture to reflect the realities of the digital age. The challenge is not technical-it is constitutional and moral. Surveillance without accountability is a threat, not a solution. If we wish to preserve the democratic fabric of our society, then we must ensure that our pursuit of national security does not trample upon the very rights and freedoms that make this nation worth securing. The future of India's digital democracy depends on how wisely and justly we manage this delicate balance.


**amlanpaikaray@gmail.com**



VOICE OF VICTIMS

Empowering Hope, Dignity & Respect



Bandhan

ସୁ-ସମ୍ପର୍କ ଗଢେ

## ଅଶ୍ରୁଳ ଶ୍ରଦ୍ଧାଞ୍ଜଳି

ଏୟାର ଇଣ୍ଡିଆର ବିମାନ ଦୁର୍ଘଟଣାରେ ପ୍ରାଣ ହରାଇଥିବା ସମସ୍ତ ନିରୀହ ନାଗରିକଙ୍କ ଅମର ଆତ୍ମାର ସଦ୍‌ଗତି କାମନା କରିବା ସହିତ ଏପରି ଦୁଃଖଦ ସମୟକୁ ସାମ୍ନା କରିବାକୁ ପରିବାରବର୍ଗଙ୍କୁ ଈଶ୍ୱର ସହାୟ ହୁଅନ୍ତୁ । 'ଭଏସ ଅଫ୍ ଭିକ୍ଟିମ୍ସ' ଓ 'ବନ୍ଧନ' ପରିବାର ସେମାନଙ୍କୁ ଗଭୀର ସମବେଦନା ଜଣାଉଛି ।

# ଅଦିନରେ-ରଥଯାତ୍ରା



କାର୍ତ୍ତିକ ଚନ୍ଦ୍ର ପଣ୍ଡା

ଜଗତର ନାଥ, ପ୍ରଭୁ ଜଗନ୍ନାଥଙ୍କ ପ୍ରସିଦ୍ଧ ଘୋଷଯାତ୍ରା ପାଇଁ ସ୍ଥିରୀକୃତ ତିଥି, ଆଷାଢ ଶୁକ୍ଳପକ୍ଷ ଦ୍ୱିତୀୟା ବ୍ୟତୀତ ଅଦିନରେ ରଥଯାତ୍ରାର ଆୟୋଜନ କରିବାର ଉଭଟ ପରମ୍ପରା, ଇସ୍କନ ନବେ ଦଶକରୁ କରି ଆସୁଛି ।

ବଡ଼ଦେଉଳରେ ନୀତିକାନ୍ତି ସବୁଠାରୁ ସ୍ୱତନ୍ତ୍ର। ତିଥି ନକ୍ଷତ୍ର ଓ ପରମ୍ପରା ଅନୁଯାୟୀ ଠାକୁରଙ୍କ ନୀତି ପୂର୍ବ ନିର୍ଦ୍ଧାରିତ ହୋଇଥାଏ । ସବୁଠାରୁ ପ୍ରମୁଖ ଆକର୍ଷଣ ହେଲା ନବଦିନ ବ୍ୟାପୀ



'ଘୋଷଯାତ୍ରା' । ଅଦିନିଆ ରଥଯାତ୍ରା ସମସ୍ତ ଜଗନ୍ନାଥ ପ୍ରେମୀଙ୍କ ଧାର୍ମିକ ଭାବନାକୁ ଆହତ କରୁଛି ତେବେ ସମଗ୍ର ବିଶ୍ୱରେ ସନାତନ ଧର୍ମ,ଜଗନ୍ନାଥ ସଂସ୍କୃତି ଓ କୃଷ୍ଣ ଚେତନାର ପ୍ରଚାର, ପ୍ରସାର କରୁଥିବା ଏକ ଆନ୍ତର୍ଜାତିକ ସଂସ୍ଥା 'ଇସ୍କନ' ଏପରି କରୁଛି କାହିଁକି ? ଏଥରକ ଆସନ୍ତୁ ଇସ୍କନ ଓ ଗୌଡୀୟ ବୈଷ୍ଣବ ଧର୍ମ ବିଷୟରେ ସମ୍ୟକ ଅବଗତ ହେବା ।

ଭକ୍ତି ବେଦାନ୍ତ ସ୍ୱାମୀ ଶ୍ରୀଲ ପ୍ରଭୁପାଦ (୧୮୯୬-୧୯୭୭) ୧୯୬୬ ମସିହାରେ ଆମେରିକାର ନ୍ୟୁୟର୍କ ସିଟି ଠାରେ ଇସ୍କନ ( International Society for Krishna consciousness ) ପ୍ରତିଷ୍ଠା କରିଥିଲେ । ସେହିବର୍ଷ ଆମେରିକାରେ ତିନୋଟି ଭବ୍ୟ ମନ୍ଦିର ନିର୍ମାଣକାର୍ଯ୍ୟ ସମ୍ପୂର୍ଣ୍ଣ ହୋଇ ପ୍ରତିଷ୍ଠା ହୋଇଥିଲା ଓ ପରବର୍ତ୍ତୀ ସମୟରେ ଏହା କାୟା ବିସ୍ତାର କରି ଦେଶ ବିଦେଶକୁ ବ୍ୟାପୀଥିଲା।

ଏବେ ସୁଦ୍ଧା ଦେଶବିଦେଶରେ ଶତାଧିକ ଭବ୍ୟ ମନ୍ଦିର, ୬୦୦ କେନ୍ଦ୍ର, ସ୍କୁଲ, କଲେଜ, ୟୁନଭରସିଟି, ମୁଦ୍ରଣାଳୟ, ଚିକିତ୍ସାକେନ୍ଦ୍ର,କୃଷି ଫାର୍ମ, ଗୋଶାଳା, ଓ ବ୍ୟବସାୟ ପ୍ରତିଷ୍ଠାନ ରହିଛି । ଏବେ ଇସ୍କନ, ଏସିଆ ମଧ୍ୟପ୍ରାଚ୍ୟ, ୟୁରୋପ, ଆଫ୍ରିକା, ଅଷ୍ଟ୍ରେଲିଆ ଓ ସାଉଥ୍ ଆଫ୍ରିକାରେ ବିଶେଷ ଭାବେ ସକ୍ରିୟ ଅଛି । ବିଦେଶ ପାଇଁ ଇସ୍କନ, ମାୟାପୁରୀ ମୁଖ୍ୟ କାର୍ଯ୍ୟାଳୟ ଥିଲାବେଳେ ଆମ ଦେଶ ପାଇଁ ବୃନ୍ଦାବନ, ମୁଖ୍ୟ କାର୍ଯ୍ୟାଳୟ ରୂପେ କାମ କରୁଛି।

ହିନ୍ଦୁ ସନାତନ ଧର୍ମର ବୈଦିକ ସିଦ୍ଧାନ୍ତ, ଓ ଧର୍ମଗ୍ରନ୍ଥ ବିଶେଷ କରି ଶ୍ରୀମଦ୍ ଭାଗବତ ପୁରାଣ , ଶ୍ରୀମଦ୍ଧ ଭାଗବତ ଗୀତା। ଓ ଅନ୍ୟାନ୍ୟ ଧର୍ମଗ୍ରନ୍ଥ ଆଧାରରେ ପ୍ରତିଷ୍ଠିତ, ଏହି ସୁଶୃଙ୍ଖଳିତ ସଂସ୍ଥାର ୫ ଲକ୍ଷରୁ ଉର୍ଦ୍ଧ୍ୱ ଏହାର ଅନୁଗାମୀ ଭକ୍ତ ଅଛନ୍ତି । ସେମାନେ ବଡବଡ କର୍ପୋରେଟ ସେକ୍ଟର, ସମ୍ଭ୍ରାନ୍ତ ବର୍ଗର, ଯେଉଁମାନେ ଅହରହ ସନାତନ ଧର୍ମ ଓ କୃଷ୍ଣ ଚେତନାକୁ ବିଶ୍ୱର କୋଣ ଅନୁକୋଣରେ ପହଞ୍ଚାଇବାକୁ ପ୍ରୟାସରତ।

ଧର୍ମର ଚାରିପାଦ ଯଥା ନିରାଡମ୍ବର, ଓ ସର୍ବନିମ୍ନ ଆବଶ୍ୟକତା ଥିବା ଭଳି ଜୀବନଶୈଳୀ,(Austerity) ପରିଷ୍କାର ପରିଚ୍ଛନ୍ନତା।(Cleanliness ) ସତ୍ୟବାଦିତା, (Truthfulness) ଦୟାଶୀଳତା (Kindness) ଉପରେ ଏହା ପ୍ରତିଷ୍ଠିତ। ଲଣ୍ଡିତ ମସ୍ତିଷ୍କ, ତିଳକ-ଚନ୍ଦନ, ବେକରେ ତୁଳସୀମାଳି, ଓ ଶୁଭ୍ରବସ୍ତ୍ର ପରିଧାନ କରୁଥିବା ଇସ୍କନ ଭକ୍ତମାନେ ପ୍ରାୟତଃ ଖାଲି ପାଦରେ ଚାଲନ୍ତି । କେତେକ କଠଉ ବ୍ୟବହାର କରନ୍ତି।

ସମସ୍ତ ଭୌତିକ ସୁଖରୁ ଦୂରେଇ ରହୁଥିବା ଭକ୍ତମାନେ, କେବଳ ଶୁଦ୍ଧ ଶାକାହାରୀ ଭୋଜନ (ପ୍ରସାଦ) ଗ୍ରହଣ କରନ୍ତି। ସନ୍ଧ୍ୟାପରେ ଭୋଜନ କରନ୍ତି ନାହିଁ। କୌଣସି ପ୍ରାଣୀଜ ଉପଲବ୍ଧ ପଦାର୍ଥ ଯଥା ଦୁଗ୍ଧଯାତ ପଦାର୍ଥ, ମହୁ, ପିଆଜ, ରସୁଣ, ଛତୁ, ଚା-କଫି,ଚକୋଲେଟ, ଗୁପଚୁପ, ଓ କେତେକ ତାମସିକ ଖାଦ୍ୟ ଖାଆନ୍ତି ନାହିଁ । ଚମଡା ତିଆରି କୌଣସି ପଦାର୍ଥ ବ୍ୟବହାର କରନ୍ତି

## ନିଷ୍କର୍ଷ

ନାହିଁ। ଜୀବେଦୟା ପରମ ଧର୍ମ ତତ୍ତ୍ୱରେ ବିଶ୍ୱାସ କରନ୍ତି। କୌଣସି ପ୍ରକାର ନିଶା ସେବନ ଓ ପରକୀୟା ପ୍ରୀତି ଠାରୁ ଦୂରେଇ ରହନ୍ତି ।

ସେମାନେ ଟିଭି, ସିନେମା, ତାସଖେଳ ଜୁଆଖେଳକୁ ପରିତ୍ୟାଗ କରନ୍ତି । ସଂପୂର୍ଣ୍ଣ କୃଷ୍ଣଚେତନାରେ ବୁଡିରହି ଅହରହ ଭଜନ କିର୍ତ୍ତନ ଓ ଜପରେ ସମୟ ବିତାନ୍ତି । ଦିନକୁ ୧୬ ଥର ଜପ ବାଧ୍ୟତାମୂଳକ ଅଟେ ।

ଦିନକୁ ଦିନ ଇସ୍କନର ଲୋକପ୍ରିୟତା ବଢୁଛି। ବିଶ୍ୱ ମାନଚିତ୍ରରେ କୋଣ ଅନୁକୋଣ ରେ ସନାତନ ଧର୍ମର ପ୍ରଚାର ପ୍ରସାର କରି ଭବ୍ୟ ମନ୍ଦିର ନିର୍ମାଣ କରିବା, ସେମାନଙ୍କର ଏକମାତ୍ର ଲକ୍ଷ୍ୟ । ସେମାନେ ରଥଯାତ୍ରା, ଜନ୍ମାଷ୍ଟମୀ, ରାଧାଷ୍ଟମୀ, ଅଶୋକାଷ୍ଟମୀ, ହୋଲି, ନବରାତ୍ରି, ଦୀପାବଳି ଓ ଆହୁରି ଅନେକ ପର୍ବ ନିଜସ୍ୱ ଶୈଳୀରେ ପାଳନ୍ତି । କେବଳ ପୂଜାର୍ଚ୍ଚନା ବିଧି ଓ ପରମ୍ପରା ଏମାନଙ୍କର ଭିନ୍ନ ହୋଇଥାଏ। ସ୍ଥୁଳ ବିଶେଷରେ ଇସ୍କନ ପାକଶାଳାରେ ଜାଳେଣି ସ୍ୱରୂପ କାଠ, ଘଷି, ବାୟୋଗ୍ୟାସ୍ , ପେଟ୍ରୋଲିୟମ ଗ୍ୟାସ ଓ ଇଲେକ୍ଟ୍ରି ହିଟର ବ୍ୟବହୃତ ହୁଏ । ଇସ୍କନ ମନ୍ଦିରରେ ପଣ୍ଡା ପଡିଆରୀଙ୍କ ଜୁଲମ ନଥାଏ ।

ଇସ୍କନ ସଂସ୍ଥା ଅଦ୍ୟାବଧି ୫୦ ଲକ୍ଷ ଧାର୍ମିକ ପୁସ୍ତକ ବିଶ୍ୱର ବିଭିନ୍ନ ଭାଷାରେ ଅନୁବାଦ କରି ପ୍ରକାଶ କରି ବିକ୍ରୟ କରିଛି ।ଭକ୍ତମାନଙ୍କ ଅକୁଣ୍ଠ ଦାନ, ମୁଦ୍ରଣାଳୟ ଓ ପ୍ରକାଶନ ସଂସ୍ଥା ,ବ୍ୟବସାୟ ପ୍ରତିଷ୍ଠାନ ଓ କୃଷି- ଫାର୍ମର ଆୟରେ ଏହା ପରିପୁଷ୍ଟ ।

ସନାତନ ଧର୍ମ ଓ କୃଷ୍ଣ ଚେତନାରେ ବିଶ୍ୱାସ ରଖୁଥିବା ଯେ କୌଣସି ଧର୍ମ ଓ ଜାତିର ଲୋକଙ୍କୁ ଇସ୍କନ ନିଜର ସଦସ୍ୟ ରୂପେ ଗ୍ରହଣ କରେ ତେବେ ଗୁରୁ- ଶିଷ୍ୟ ପରମ୍ପରା ଥିବା ଏହି ଧର୍ମରେ ଦିକ୍ଷୀତ ହେବା ପୂର୍ବରୁ ସଦସ୍ୟଙ୍କୁ କଠୋର ଅଗ୍ନି ପରୀକ୍ଷାର ସମ୍ମୁଖୀନ ହେବାକୁ ପଡ଼େ। ଭୌତିକ ସୁଖକୁ ପରିତ୍ୟାଗ କରି ବିଶ୍ୱର ଅନେକ ଧନୀ ଓ ସମ୍ଭ୍ରାନ୍ତ ବର୍ଗ ଇସ୍କନ ଆଦର୍ଶରେ ଅନୁପ୍ରାଣିତ ହୁଅନ୍ତି ଓ ନିଜର ସମସ୍ତ ସ୍ଥାବର, ଅବସ୍ଥାର ସମ୍ପତ୍ତି ଇସ୍କନକୁ ଦାନକରି, ସନ୍ନ୍ୟାସୀ ଜୀବନ ଯାପନ କରନ୍ତି।

ସେମାନଙ୍କ ରଥଯାତ୍ରା ଠିକ ଆମ ଘୋଷଯାତ୍ରା ଭଳି ନୁହେଁ । ବିଭିନ୍ନ ଦେଶର ନିୟମ ଭିନ୍ନଭିନ୍ନ ଥିବାରୁ ଏମାନଙ୍କୁ ତିଥି ଅନୁସାରେ ରୋଡ ସୋ କରିବାକୁ ସ୍ଥାନୀୟ ପ୍ରସାଶନ ଅନୁମତି ଦିଏ ନାହିଁ। ସପ୍ତାହନ୍ତ ଦୁଇଦିନ ଛୁଟି ଥିବାରୁ, ରଥଯାତ୍ରା ପାଇଁ ଅନୁମତି ମିଳେ । ରଥର ଆକୃତିକୁ ନେଇ ବିଦେଶରେ କଟକଣା ଥାଏ । କେତେକ ଯାଗାରେ ରଥ ଗୁଡିକ ସ୍ଥାୟୀ, ସ୍ୱୟଂଚାଳିତ, କ୍ଷୁଦ୍ରାକୃତି, ଠିକ ଆମ ଦୋଳ-ବିମାନ ଭଳି। କେତେକ ଦେଶରେ ମଟରବୋଟ ଉପରେ ବି ରଥଯାତ୍ରା କରିବାକୁ ଅନୁମତି ମିଳେ।

ଦିବା ଦଶଟାରୁ ଅପରାହ୍ନ ୪ଟା ପର୍ଯ୍ୟନ୍ତ ରଥଯାତ୍ରା ଆରମ୍ଭ ହୁଏ । ଶିଶୁ ମନୋରଞ୍ଜନ, ଭଜନ ସଂକୀର୍ତ୍ତନ, ଆଧ୍ୟାତ୍ମିକ ସାଂସ୍କୃତିକ କାର୍ଯ୍ୟକ୍ରମ ଓ ପ୍ରସାଦ ସେବନର ପରେ ରଥ ସବୁ ମନ୍ଦିର ପରିସରକୁ ଫେରି ଆସନ୍ତି । ଏଠାରେ ବାହୁଡ଼ା ଯାତ୍ରା କିମ୍ବା ଗୁଣ୍ଡିଚା ମନ୍ଦିର ନଥାଏ । ତେଣୁ ଇସ୍କନର ଅଦିନିଆ ରଥଯାତ୍ରା, ଆମ ସଂସ୍କୃତିର ବିରୋଧାଭାସ କରୁଛି , ସପକ୍ଷରେ ଯୁକ୍ତିର ନିଷ୍କର୍ଷ, ବୁଦ୍ଧିଜୀବୀ ବନ୍ଧୁମାନଙ୍କ ମାନସ ମନ୍ଥନ ଉପରେ ନିର୍ଭର କରେ । ପ୍ରସଙ୍ଗ ସପକ୍ଷରେ ଓ ବିପକ୍ଷରେ ବୁଦ୍ଧିଜୀବୀ ମାନଙ୍କର ସମସ୍ତ ଯୁକ୍ତି ସ୍ୱାଗତଯୋଗ୍ୟ ଓ ଗ୍ରହଣୀୟ । ସନାତନ ସଂସ୍କୃତି ଓ କୃଷ୍ଣ-ଚେତନାକୁ ବିଶ୍ୱ ଦରବାରରେ ପହଞ୍ଚାଇବାକୁ ଇସ୍କନର ରଥଯାତ୍ରା ନାମ କରଣ, ପ୍ରତୀକାତ୍ମକ ମାତ୍ର। ବିଶ୍ୱର ସବୁଠାରୁ ବଡ଼ (ଉଚ୍ଚତା) ରଥଯାତ୍ରା, ତାମିଲନାଡୁର ଥିରୁବର ଭଳି, ଦେଶର ଭିନ୍ନ ଭିନ୍ନ ଦେବଦେବୀଙ୍କ ରଥଯାତ୍ରା ରହିଛି। ବେଳେବେଳେ ରାଜନେତାମାନେ ମଧ୍ୟ ରଥଯାତ୍ରାର ଆୟୋଜନ କରିଥାନ୍ତି ।

ଇସ୍କନ, କରୋନା ମହାମାରୀ କାଳରେ ଲକ୍ଷଲକ୍ଷ ଲୋକଙ୍କୁ ମାଗଣା ଖାଦ୍ୟ, ଚିକିତ୍ସା ଓ ଅଯୋଧ୍ୟା ରାମମନ୍ଦିର ନିର୍ମାଣ ପାଇଁ ୧୧ କୋଟି ଟଙ୍କା ଅନୁଦାନ ଓ ସାଂସ୍କୃତିକ କଳା ନିକେତନ ପ୍ରତିଷ୍ଠା ପାଇଁ, ନିଜସ୍ୱ ପାଞ୍ଚ ଏକର ପରିମିତ ଜମି ପ୍ରଦାନ କରିଛି । ଶ୍ରୀମନ୍ଦିରର ପ୍ରବେଶ ପାଇଁ ଇସ୍କନ ଭକ୍ତଙ୍କୁ ଅନୁମତି ମିଳେନାହିଁ । ଏଥିପାଇଁ ସେମାନେ କେବେହେଲେ ମନ୍ଦିର ପ୍ରଶାସନ ଓ ଗଜପତିଙ୍କୁ ଅନୁରୋଧ କରିନାହାଁନ୍ତି । ମନ୍ଦିରର ଚତୁର୍ପାର୍ଶ୍ୱ ପରିକ୍ରମା କରି ଲୋତକାପ୍ଲୁତ ନୟନରେ ସେମାନଙ୍କ ଭକ୍ତି ନୈବେଦ୍ୟ ଅର୍ପଣ କରିବାର ଦେଖାଯାଏ । ତେବେ ପୁରୀ ରଥଯାତ୍ରାରେ ସେମାନେ ସକ୍ରିୟ ଭାଗ ନିଅନ୍ତି। ଭଜନ ସଂକୀର୍ତ୍ତନ ଓ ସ୍ୱେଚ୍ଛାସେବୀ ସଂଗଠନ ରେ ସେମାନଙ୍କ ସହଭାଗିତା ଉଲ୍ଲେଖଯୋଗ୍ୟ।

ଅଯଥା ବାଦବିବାଦରେ ସେମାନେ ପଶନ୍ତି ନାହିଁ। ଗଣମାଧ୍ୟମରେ ଇସ୍କନର କୌଣସି ପ୍ରବକ୍ତା ଭାଗ ନିଅନ୍ତି ନାହିଁ। ବାସ୍ତବରେ ସେମାନେ ରଥଯାତ୍ରାର ନାମ ପରିବର୍ତ୍ତନ କରି ଦେଶ ବାହାରେ ଏହି ଅଦିନିଆ ରଥଯାତ୍ରାକୁ ମହା ସମାରୋହରେ ପାଳନ କରନ୍ତି।

ଭୁବନେଶ୍ୱର
ମୋ- ୭୯୭୮୪୨୦୪୯୩

# ୧୨୦ ବର୍ଷ ଧରି ବନ୍ଧା ହୋଇଛି ବରଗଛ

ପାକିସ୍ତାନର ଖୈବରଠାରେ ରହିଛି ଏକ ବରଗଛ। ୧୨୦ ବର୍ଷ ଧରି ଏହି ବରଗଛକୁ ଲୁହା ଜଞ୍ଜିରରେ ବନ୍ଧା ଯାଇଛି। ଗଛରେ ଏକ ବୋର୍ଡରେ ଲେଖା ଯାଇଛି 'ଆଇ ଆମ୍ ଅଣ୍ଡର ଆରେଷ୍ଟ'। ୧୮୯୮ରେ ଇଂରେଜ ଅଫିସର ଜେମ୍ସ ସ୍କ୍ୱିଡ୍ ଦିନେ ରାତିରେ ନିଶାରେ ମସଗୁଲ ହୋଇ ବଗିଚାରେ ଟହଲ ମାରୁଥିଲେ। ତାଙ୍କୁ ଲାଗିଲା ବରଗଛ ତାଙ୍କ ଆଡକୁ ମାଡି ଆସୁଛି। ଯେ ଜୋରରେ ଚିତ୍କାର କଲେ ଷ୍ଟପ୍ ଦେୟାର। ମାତ୍ର ବରଗଛ ରହିଲାନି। ନିଶାରେ ଅଫିସର ପାଟି କଲେ ଆରେଷ୍ଟ ଇଟ୍। ସାଙ୍ଗେ ସାଙ୍ଗେ ପାଖରେ ଥିବା ସିପାହୀମାନେ ଗଛକୁ ଲୁହା ଜଞ୍ଜିରରେ ବାନ୍ଧି ତାଲା ପକାଇ



ଦେଇଥିଲେ। ସକାଳେ ଅଫିସର ନିଜ ଭୁଲ୍ ବୁଝିପାରିଲେ। ତେବେ ଗଛରୁ ଲୁହା ଝିଞ୍ଜିରକୁ ହଟାଇବାକୁ ସିପାହୀମାନଙ୍କୁ ମନାକଲେ। ଗଛରେ ଟଙ୍ଗାଇଦେଲେ ଇଂଲିଶ୍‌ରେ ଲେଖା ଥିବା ବୋର୍ଡ। ବରଗଛକୁ ଦେଖିବାକୁ ପ୍ରତିଦିନ ଦେଶବିଦେଶରୁ ଅନେକ ପର୍ଯ୍ୟଟକ ଆସିଥାନ୍ତି।

# ଫିଟ୍ ରହିବା ପାଇଁ ସପୁରୀ ଜୁସ୍ ସେବନ ଜରୁରୀ

***ଜଣେ ବ୍ୟକ୍ତି ସୁସ୍ଥ ରହିବାକୁ କଣ କଣ ନ କରେ। ସମସ୍ତ ପ୍ରକାରର ଉପାୟ ଆପଣାଏ। ବିଶେଷ କରି ଶୀତଦିନେ ସ୍ୱାସ୍ଥ୍ୟର ଯତ୍ନ ନେବା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ଏପରି ପରିସ୍ଥିତିରେ ଶରୀରରେ ଭିଟାମିନ୍ ଏବଂ ମିନେରାଲ୍ସ ଯାହା ଦରକାର, ତାହା ଶରୀରରେ କଦାପି ଅଭାବ ହେବା ଉଚିତ୍ ନୁହେଁ। ଶରୀରକୁ ଉପକାର କରୁଥିବା ଏହି ଜିନିଷ ମଧ୍ୟରୁ ଗୋଟିଏ ହେଉଛି ପାଇନାପଲ ତଥା ସପୁରୀ ଜୁସ୍। ଏହା ଆପଣଙ୍କ ରୋଗ ପ୍ରତିରୋଧକ ଶକ୍ତି ଏବଂ ହଜମ ପାଇଁ ସବୁଠାରୁ ଫାଇଦା। ସପୁରୀ ଜୁସ୍ ହେଉଛି ବ୍ରୋମେଲାଇନ୍‌ର ଏକମାତ୍ର ଖାଦ୍ୟ ଉତ୍ସ।***



ସପୁରୀ ଜୁସ୍‌ରେ ଆଇରନ, ଭିଟାମିନ୍ ସି, ମାଙ୍ଗାନିଜ୍, କପର, ଫୋଲେଟ୍, ପୋଟାସିୟମ୍, ଭିଟାମିନ୍ କେ, ଭିଟାମିନ୍ ବି-୬, ଭିଟାମିନ୍ ବି -୧ (ଥିଏମାଇନ୍), କ୍ୟାଲସିୟମ୍, ଫସଫରସ୍, କୋଲାଇନ୍, ମ୍ୟାଗ୍ନେସିୟମ୍ ରହିଥାଏ।

**ବ୍ରଣ ମୁକ୍ତ ହୁଏ:** ଅନେକ ଲୋକ ଜାଣିପାରିବେ ନାହିଁ ଯେ ସପୁରୀ ରସ ପିଇବା ଦ୍ୱାରା ବ୍ରଣ ପରି ସମସ୍ୟାରୁ ମୁକ୍ତି ଦିଏ ଉଜ୍ଜ୍ୱଳ ତ୍ୱଚା ଫେରାଏ। ବୟସ ବଢିବା ସହିତ ଚର୍ମର ସତେଜ ରୁହେ ଏବଂ କୁଞ୍ଚନ ଦେଖାଯାଏ ନାହିଁ। ଯଦି ଆପଣ ନିୟମିତ ଭାବେ ସପୁରୀ ଜୁସ୍ ପିଅନ୍ତି। ତେବେ ଆପଣଙ୍କ ତ୍ୱଚାକୁ ସୁସ୍ଥ କୋମଳ ରଖିବ।

**ପେଟ ଯନ୍ତ୍ରଣାରୁ ମୁକ୍ତି ମିଳିବ:** ଅନେକ ଥର କୌଣସି ଫାଷ୍ଟଫୁଡ୍ ଖାଇବା ଦ୍ୱାରା ପେଟ ଭାରି ହୋଇଯାଏ। ଏହା ପେଟକୁ ଯନ୍ତ୍ରଣା ଦିଏ। ଏହି ସମୟରେ ସପୁରୀ ଜୁସ କରି ପିଇବା ଦ୍ୱାରା ଆପଣଙ୍କୁ ପେଟ ଯନ୍ତ୍ରଣାରୁ ମୁକ୍ତି ଦେଇଥାଏ। ଏଥିରେ ହଜମ ପାଇଁ ଫାଇବର ଏବଂ ଭିଟାମିନ୍ ସି ର ଏକ ସମୃଦ୍ଧ ଉତ୍ସ ଥାଏ। ଯାହା ଖାଦ୍ୟ ହଜମ କରିବାରେ ସାହାଯ୍ୟ କରିଥାଏ। ଯଦି ଆପଣ ପ୍ରତିଦିନ ପିଅନ୍ତି ତାହାଲେ କେଷ୍ଟକାଠିନ୍ୟ, ଗ୍ୟାସ୍ ଭଳି ସମସ୍ୟା ଦୂର ହୋଇଯିବ।

**ପ୍ରତିରୋଧକ ଶକ୍ତି:** ଯେଉଁମାନେ ପ୍ରତିଦିନ ସପୁରୀ ଜୁସ୍ ପିଉଛନ୍ତି ସେମାନଙ୍କଠାରୁ ରୋଗ ମଧ୍ୟ ଦୂରରେ ରହିଥାଏ। ସେମାନଙ୍କର ପ୍ରତିରୋଧକୁ ଶକ୍ତି ବୃଦ୍ଧି ହୁଏ। ଏହା ଅନେକ ରୋଗକୁ ମଧ୍ୟ ଲଢିଥାଏ।

## ପ୍ରଥମ ବର୍ଷ ପୂର୍ତ୍ତି ଉପଲକ୍ଷେ ମୁଖ୍ୟମନ୍ତ୍ରୀଙ୍କ ସାମ୍ବାଦିକ ସମ୍ମିଳନୀ

# ବିଜେପି ସରକାର ନିଜର ସଙ୍କଳ୍ପପତ୍ରରେ ଥିବା ପ୍ରମୁଖ ପ୍ରତିଶ୍ରୁତିକୁ ପାଳନ କରିଛି: ମୁଖ୍ୟମନ୍ତ୍ରୀ



ଭୁବନେଶ୍ୱର (ଭିଓଭି): ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ନେତୃତ୍ୱରେ ଓଡ଼ିଶାରେ ବିଜେପି ସରକାରର ପ୍ରଥମ ବର୍ଷ ପୂର୍ତ୍ତି ଉପଲକ୍ଷେ ଏକ ସାମ୍ବାଦିକ ସମ୍ମିଳନୀ ଆୟୋଜିତ ହୋଇଛି। ଏଥିରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଓ ବିଜେପି ରାଜ୍ୟ ସଭାପତି ମନମୋହନ ସାମଲ ଉପସ୍ଥିତ ଅଛନ୍ତି। ଏଥିରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି, ଆମ ସରକାର ୧ ବର୍ଷ ପୂରଣ କରିବାକୁ ଯାଉଛି । ଆଉ ଏହି ୧ ବର୍ଷ ଭିତରେ ବିଜେପି ସରକାର ନିଜର ସଙ୍କଳ୍ପପତ୍ରରେ ଥିବା ପ୍ରମୁଖ ପ୍ରତିଶ୍ରୁତିକୁ ପାଳନ କରିଛି। ସରକାର ଆସିବାର ପ୍ରଥମ ଦିନରେ ୪ଟି ପ୍ରମୁଖ ନିଷ୍ପତ୍ତି ନେବା ସହିତ ଶ୍ରୀମନ୍ଦିର ୪ ଦ୍ୱାର ଖୋଲିଥିଲା ବୋଲି କହିବା ସହିତ ନିଜ ସରକାର ଗୋଟି ଗୋଟି କରି ଉପଲବ୍ଧି ବର୍ଣ୍ଣନା କରିଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ । ଏହି ଅବସରରେ ଗଣମାଧ୍ୟମକୁ ଧନ୍ୟବାଦ ଜଣାଇଛନ୍ତି।ଏଣେ କେନ୍ଦ୍ରରେ ମୋଦୀ ସରକାରର ତୃତୀୟ ପାଳିର ପ୍ରଥମ ବର୍ଷ ଏବଂ ନିଜ ସରକାରର ପ୍ରଥମ ବର୍ଷର ଉପଲବ୍ଧି ବଖାଣିଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ମାଝୀ । ଗତ ୧ ବର୍ଷ ଭିତରେ ଉଭୟ କେନ୍ଦ୍ର ସରକାର ଏବଂ ରାଜ୍ୟ ସରକାର ଲୋକଙ୍କ ପାଇଁ କ'ଣ କ'ଣ କରିଛନ୍ତି ସେନେଇ ଗୋଟି ଗୋଟି କରି ହିସାବ ଦେଇଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ । ତେବେ କେନ୍ଦ୍ର ସରକାରଙ୍କ ୧୧ ବର୍ଷ ଏବଂ ରାଜ୍ୟ ସରକାରଙ୍କ ୧ ବର୍ଷ ପୂର୍ତ୍ତି ଅବସରରେ ସାମ୍ବାଦିକ ସମ୍ମିଳନୀ କରିଥିଲେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ । ଯେଉଁଠି ସେ ନିଜ ସରକାର ସହିତ କେନ୍ଦ୍ରର ମୋଦୀ ସରକାରର ଉପଲବ୍ଧି ବର୍ଣ୍ଣନା କରିଛନ୍ତି । ୨୦୨୪ ଜୁନ୍ ୯ ତାରିଖ ହେଉଛି ସ୍ୱାଧୀନ ଭାରତର ରାଜନୈତିକ ଇତିହାସରେ ଏକ ମହତ୍ତ୍ୱପୂର୍ଣ୍ଣ ଦିନ । ଏହିଦିନ ଆମ ଦେଶର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଲଗାତାର ଭାବେ ୩ୟ ଥର ପାଇଁ ପ୍ରଧାନମନ୍ତ୍ରୀ ଭାବେ ଶପଥ ଗ୍ରହଣ କରିଥିଲେ । ତେବେ ଗତକାଲି ମୋଦୀଙ୍କ ନେତୃତ୍ୱାଧୀନ ସରକାର ସଫଳତାର ସହ ୧୧ ବର୍ଷ ପୂରା କରିଛି । ଆଉ ତା ସହିତ ୩ୟ ପାଳିର ପ୍ରଥମ ବର୍ଷ ମଧ୍ୟ ପୂରଣ ହୋଇଛି । ମେ ୨୬ ତାରିଖ ୨୦୧୪ ମସିହାରେ ପ୍ରଥମ ଥର ପାଇଁ ମୋଦୀ ପ୍ରଧାନମନ୍ତ୍ରୀ ଭାବେ ଶପଥ ନେଇଥିଲେ । ଆଉ ଏବେ ଏହାକୁ ୧୧ ବର୍ଷ ପୂରଣ ହୋଇଛି । ତେବେ ଲୋକଙ୍କ ଆଶା ଭରସାକୁ ଅତୁଟ ରଖିବାରେ ମୋଦୀ ସରକାର ସମର୍ଥ ହୋଇଛି । ଏହି ୧୧ ବର୍ଷର ସଫଳତାର ତାଲିକା ବହୁତ ଲମ୍ବା ଏବଂ ଯୁଗାନ୍ତକାରୀ । ସଂକ୍ଷେପରେ କହିବାକୁ ଦେଶରେ ମୋଦୀ ସରକାର ଆସିବା ପରେ ଆମ ଦେଶର ସାମାଜିକ, ରାଜନୈତିକ ଏବଂ ଅର୍ଥନୈତିକ ଅବସ୍ଥାରେ ଅଭୂତ ପୂର୍ବ ଭାବେ ପରିବର୍ତ୍ତନ ଆସିଥିଲା । ଦେଶରେ ଏକ ସ୍ଥିର ଶାସନ ଆସିଥିଲା । ନିଜ ନେତୃତ୍ୱକାଳ ଭିତରେ ମୋଦୀ ସରକାର ଧାରା ୩୭୦ର ଉଚ୍ଛେଦ, ନାରୀଶକ୍ତି ବନ୍ଦନ ଅଧିନିୟମ, ତିନି ତଲାକର ଉଚ୍ଛେଦ, ଏକକ ଜିଏସଟିର ପ୍ରଚଳନ କରିଥିଲେ ।

## କଠୋର ହେଲେ ମୋହନ ସରକାର

# କର୍ମଚାରୀ ବିଳମ୍ବରେ ଆସିଲେ କଟିବ ଛୁଟି



### ଏଆଇ କ୍ୟାମେରା ରଖିବ ନଜର

ଭୁବନେଶ୍ୱର (ଭିଓଭି): ରାଜ୍ୟରେ ମୋହନ ମାଝୀଙ୍କ ନେତୃତ୍ୱାଧୀନ ସରକାର ନିଜର ଏକବର୍ଷ ପୂର୍ତ୍ତି ପାଳନ କରୁଛି । ଆଉ ଏପଟେ ରାଜ୍ୟ ସରକାର ନିଜର କର୍ମଚାରୀ ଓ ଅଫିସରମାନଙ୍କୁ 'ସମୟାନୁବର୍ତ୍ତିତା'ର ପାଠ ପଢ଼ାଇବାକୁ ଯାଇ କଡ଼ା ନିର୍ଦ୍ଦେଶନାମା ଜାରି କରିଛନ୍ତି । ସରକାରୀ ଅଫିସକୁ ବିଳମ୍ବରେ ଆସିବା ଉପରେ ପୂର୍ଣ୍ଣଚ୍ଛେଦ ପକାଇବା ନିମନ୍ତେ ସରକାର ଏଆଇ ଆଧାରିତ କ୍ୟାମେରା, ରେଡିଓ ଫ୍ରିକ୍ୱେନ୍ସି ଆଇକାର୍ଡ ଓ ଲଗାତାର ୩ଥର ୩୦ମିନିଟ୍ ବିଳମ୍ବ ପାଇଁ ଗୋଟିଏଦିନର ସିଏଲ୍ କାଟିଦେବା ଭଳି କଠୋର ନିଷ୍ପତ୍ତି ନେଇଛନ୍ତି । ଏହି ନିର୍ଦ୍ଦେଶନାମା ରାଜ୍ୟ ସରକାରଙ୍କ ପିଅନଠୁ ସଚିବ ପର୍ଯ୍ୟନ୍ତ ସବୁବର୍ଗର ଅଫିସର ଓ କର୍ମଚାରୀଙ୍କ ନିମନ୍ତେ କାର୍ଯ୍ୟକାରୀ ହେବ ବୋଲି ଜଣାପଡ଼ିଛି । କାର୍ଯ୍ୟାଳୟରେ କର୍ମଚାରୀ ଓ ଅଫିସରମାନଙ୍କ ବିଳମ୍ବରେ ଆସିବା ଉପରେ ପୂର୍ଣ୍ଣଚ୍ଛେଦ ପକାଇବା ପାଇଁ ସମସ୍ତ ବିଭାଗକୁ ବାୟୋମେଟ୍ରିକ୍ ଉପସ୍ଥାନ ସିଷ୍ଟମ୍ ସ୍ଥାପନ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ଏହି ସିଷ୍ଟମଗୁଡ଼ିକ ଏନଆଇସି ଦ୍ୱାରା ବିକଶିତ ବାୟୋମେଟ୍ରିକ୍ ଉପସ୍ଥାନ ସିଷ୍ଟମ୍ ପୋର୍ଟାଲ ସହ ସଂଯୁକ୍ତ ହେବ । ପ୍ରତ୍ୟେକ ବିଭାଗରେ ଜଣେ ନିର୍ଦ୍ଦିଷ୍ଟ ଅଧିକାରୀ ପ୍ରତି ପାକ୍ଷିକ ଭାବେ ଏହି ତଥ୍ୟ ବିଶ୍ଳେଷଣ କରିବେ। ପ୍ରତ୍ୟେକ କର୍ମଚାରୀଙ୍କୁ ଅଫିସରେ 'ପ୍ରବେଶ' ଓ 'ପ୍ରସ୍ଥାନ' ସମୟ ରେକଡ କରିବାକୁ ନିର୍ଦ୍ଦେଶ ଦିଆଯାଇଛି । 'ପ୍ରସ୍ଥାନ' ସମୟ ରେକର୍ଡ ନକଲେ ତାହାକୁ ଅନୁପସ୍ଥିତି ଭାବେ ବିବେଚନା କରାଯିବ । ନୂଆ ନିୟମ ଅନୁଯାୟୀ, ଯେକୌଣସି ଦିନ ପାଇଁ ସର୍ବାଧିକ ୩୦ ମିନିଟର ବିଳମ୍ବକୁ କ୍ଷମା କରାଯାଇପାରିବ, ଯାହା ଗୋଟିଏ ମାସରେ ସର୍ବାଧିକ ତିନି ଦିନ ପାଇଁ ପ୍ରଯୁଜ୍ୟ । ଯଦି କୌଣସି କର୍ମଚାରୀ ୩ଦିନରୁ ଅଧିକ ୩୦ମିନିଟ୍ ଲେଖାଏଁ କାର୍ଯ୍ୟାଳୟକୁ ଆସିବାରେ ବିଳମ୍ବ କରନ୍ତି ଓ ଏଥିପାଇଁ ତାଙ୍କ ଉପଯୁକ୍ତ କର୍ତ୍ତୃପକ୍ଷ ଅନୁମତି ଦେଇନଥିବେ ତା'ହେଲେ ତାଙ୍କର ସିଏଲ୍ ?(କାଜୁଆଲ ଲିଭ୍ ?)ରୁ ଗୋଟିଏ ଦିନ କାଟି ଦିଆଯିବ । ପ୍ରତି ୩ଦିନର ବିଳମ୍ବ ପାଇଁ ନିୟମିତ ଭାବେ ଗୋଟିଏ ଲେଖାଏଁ ସିଏଲ୍ କଟିବ ।

## ପାର୍ଟ ପ୍ଲଟ ବିକ୍ରୀ ବନ୍ଦ ଥିବାରୁ ସରକାର

# କ୍ଷତି ସହୁଥିଲେ : ମନ୍ତ୍ରୀ ସୁରେଶ ପୂଜାରୀ

ଭୁବନେଶ୍ୱର,(ଭିଓଭି): ପାର୍ଟ ପ୍ଲଟ ବିକ୍ରି ନେଇ ପ୍ରତିକ୍ରିୟା ରଖିଛନ୍ତି ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ। ସେ କହିଛନ୍ତି ଯେ ପାର୍ଟ ପ୍ଲଟ ବିକ୍ରି ପାଇଁ ସଂପୂର୍ଣ୍ଣ ବାଟ ବନ୍ଦ ଥିଲା। ଝିଅ ବାହାଘର ହେଉ ବା ଉଚ୍ଚ ଶିକ୍ଷା ପାଇଁ ଯାହାର ଜମି ବିକିବା ଛଡା ଅନ୍ୟ କିଛି ବାଟ ନଥିଲା ସେମାନେ ହଇରାଣ ହେଉଥିଲେ। ଏବେ ୫ ହଜାର ୨୦୦ ସ୍କୋୟାର ଫୁଟ ପାର୍ଟ ପ୍ଲଟ ବିକିବା ପାଇଁ ସମସ୍ତ କଟକଣା ହଟିଲା। ପ୍ଲଟିଂ କରି ବିକୁଥିଲେ ଲେ ଆଉଟ ପ୍ରସ୍ତୁତ କରିବାକୁ ପଡିବ।୯ ମିଟର ରାସ୍ତା ଛାଡ଼ି ବିକିବାକୁ ହେବ। ଡ୍ରେନ, ପାର୍କିଙ୍ଗ, ଓପନ ପ୍ଲେସ ପାଇଁ ଅନୁସାଙ୍ଗିକ ବ୍ୟବସ୍ଥା ରଖିଲେ ଲେ ଆଉଟ କରି ବିଡିଏ କିମ୍ବା ଗ୍ରାମାଂଚଳରେ ବିଡ଼ିଓଙ୍କ ନିକଟରେ ଦାଖଲ ପରେ ବିକି ପାରିବେ। ଗତ ସମୟରେ ଦୀର୍ଘ ଦିନ ଧରି ପାର୍ଟ ପ୍ଲଟ ବିକ୍ରୀ ବନ୍ଦ ଥିବାରୁ ସରକାର କ୍ଷତି ସହୁଥିଲେ ଏବଂ ଲୋକ ହଇରାଣ ହେଉଥିଲେ। ସମସ୍ତ ଷ୍ଟକ ହୋଲଡରଙ୍କ ଆଖି ଆଗରେ ରଖି ସମସ୍ତ ବ୍ୟବସ୍ଥା କରାଯାଇଛି। କୃଷି ଜମି ଉପରେ ସମସ୍ତ କଟକଣା ହଟିଛି। କେବଳ ଘର ବାଡ଼ି ଜମିରେ କଟକଣା ରହିଛି । ଖୁବ୍ ଶୀଘ୍ର ଆପାର୍ଟମେଂଟ ରେଜିଷ୍ଟ୍ରେସନ ନେଇ ମଧ୍ୟ ବାଟ ଫିଟିବ। ଏଥିପାଇଁ ଫାଇଲ



ପ୍ରୋସେସିଂ ଆରମ୍ଭ ହୋଇଛି। ଚୁଡାନ୍ତ ପ୍ରକ୍ରିୟାରେ ଅଛି। ଅତୀତ ସରକାର ଯଦି ସମସ୍ୟାକୁ ଜାଣି ତାର ସମାଧାନ କରିଥାନ୍ତେ ଲୋକ ହଇରାଣ ହୋଇ ନଥାନ୍ତେ କି ସରକାରଙ୍କ ହଜାର ହଜାର କୋଟିର କ୍ଷତି ହୋଇଛି ନଥାନ୍ତା ବୋଲି କହିଛନ୍ତି ରାଜସ୍ୱ ମନ୍ତ୍ରୀ।

# ନୂଆ ପିଢ଼ି ଗଢ଼ିବାରେ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରର ଭୂମିକା ଅତୁଳନୀୟ: କେନ୍ଦ୍ର ଶିକ୍ଷାମନ୍ତ୍ରୀ

କଟକ, (ଭିଓଭି): ଶିଶୁ ମନ୍ଦିର ଓଡ଼ିଶା ଶିକ୍ଷା ବିଭାଗର ସ୍ପନ୍ଦନ ସଦୃଶ୍ୟ। ଭାରତୀୟ ପଦ୍ଧତି ଓ ମୂଲ୍ୟବୋଧ ଆଧାରିତ ଶିକ୍ଷା, ଗୁଣାତ୍ମକ ଶିକ୍ଷା ଏବଂ ସାଧାରଣ ଲୋକଙ୍କ ପାଇଁ ଶିକ୍ଷା ପ୍ରଦାନ ସହ ଏକ ନୂଆ ପିଢ଼ି ଗଢ଼ିବାରେ ବିଦ୍ୟା ଭାରତୀ ଓ ଶିକ୍ଷା ବିକାଶ ସମିତି ଦ୍ୱାରା ପରିଚାଳିତ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରର ଭୂମିକା ଅତୁଳନୀୟ। ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରର ଛାତ୍ରଛାତ୍ରୀମାନେ ଦଶମ ବୋର୍ଡ଼ ପରୀକ୍ଷା ସହ ବିଭିନ୍ନ ବୃତ୍ତି ଓ ମେଧା ପରୀକ୍ଷାରେ ସଫଳତା ଅର୍ଜନ କରୁଛନ୍ତି, ଯାହା ପ୍ରଶଂସନୀୟ। କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଏହା କହିଛନ୍ତି। କଟକର ଗତିରାଉତପାଟଣାର କେଶବଧାମସ୍ଥିତ ସରସ୍ୱତୀ ବିଦ୍ୟା ମନ୍ଦିର (ଆବାସିକ)ରେ 'ପ୍ରାଦେଶିକ ପ୍ରଧାନଆଚାର୍ଯ୍ୟ ସମ୍ମିଳନୀ- ୨୦୨୫'ରେ ଯୋଗଦେଇ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ କହିଛନ୍ତି, ଟି.ବି.ମାକାଉଲେ ଭାରତରେ ଯେଉଁ ଶିକ୍ଷା ନୀତି ପ୍ରସ୍ତୁତ କରିଥିଲେ ତାହା କେବଳ ଭାରତକୁ ନୀଚ କରିବାର ଏକ ପ୍ରକ୍ରିୟା ଥିଲା। ଭାରତକୁ ଅନେକ ସମୟ ପରାଧୀନତା ରଖିବା ପାଇଁ ସେ ତାଙ୍କ ଦ୍ୱାରା ଏକ ଶିକ୍ଷା ନୀତି ପ୍ରଚଳନ କରିଥିଲେ। ଏହି ଶିକ୍ଷା ନୀତିର ବିକଳ୍ପରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ନେତୃତ୍ୱରେ ନୂଆ ରାଷ୍ଟ୍ରୀୟ ଶିକ୍ଷା ନୀତି ଆସିଛି, ଯେଉଁ ନୂଆ ଶିକ୍ଷା ନୀତିର ଉଦ୍ଦେଶ୍ୟ ରହିଛି । ମାକାଉଲେଙ୍କ ପରାଧୀନ ମାନସିକତାକୁ ବଦଳାଇ ଭାରତର ସ୍ୱାଧୀନ ମାନସିକତାକୁ ବିକଶିତ କରିବା। କେନ୍ଦ୍ରମନ୍ତ୍ରୀ କହିଛନ୍ତି, ଓଡ଼ିଶାର ପୁନଃନିର୍ମାଣରେ ସରସ୍ୱତୀ ବିଦ୍ୟା ମନ୍ଦିରର ବଡ଼ ଯୋଗଦାନ ରହିବ। ସରସ୍ୱତୀ ବିଦ୍ୟା ମନ୍ଦିରରେ ବିଦ୍ୟା ଭାରତୀ ଓ ଶିକ୍ଷା ବିକାଶ ସମିତି ଦ୍ୱାରା ଆୟୋଜିତ 'ପ୍ରାଦେଶିକ ପ୍ରଧାନାଚାର୍ଯ୍ୟ ସମ୍ମିଳନୀ'ର ସମାପନ ଉତ୍ସବରେ ଯୋଗ ଦେଇ ମୁଁ ଅତ୍ୟନ୍ତ ଆନନ୍ଦିତ। ଜାତୀୟ ଶିକ୍ଷାନୀତି-୨୦୨୦ ଅନୁଯାୟୀ ସରସ୍ୱତୀ ଶିଶୁ



ବିଦ୍ୟା ମନ୍ଦିର ଗୁଡ଼ିକରେ ଶିକ୍ଷା ପଦ୍ଧତିର ମାନ ବୃଦ୍ଧି କରିବା ଦିଗରେ ଏହି ସମ୍ମିଳନୀର ଆୟୋଜନ ସ୍ୱାଗତଯୋଗ୍ୟ। ଜାତୀୟ ଶିକ୍ଷା ନୀତିରେ ମାତୃଭାଷା ଏବଂ ସମସ୍ତ ଭାରତୀୟ ଭାଷାରେ ଶିକ୍ଷା ପ୍ରଦାନ କରିବା ଉପରେ ଗୁରୁତ୍ୱ ଦିଆଯାଇଛି। ମାତୃଭାଷାରେ ପାଠ ପଢିଲେ ହିଁ ଛାତ୍ରଛାତ୍ରୀଙ୍କର ବୌଦ୍ଧିକ ବିକାଶ, କ୍ରିଟିକାଲ ଥିଙ୍କିଂ ତଥା ଅନୁସନ୍ଧାନ କରିବାର କ୍ଷମତା ବୃଦ୍ଧି ହୋଇଥାଏ। ଆଗାମୀ ଦିନରେ ସବୁ ଭାରତୀୟ ଭାଷାରେ ପାଠପଢା ହେବ। ଶିକ୍ଷା ବ୍ୟବସ୍ଥାକୁ ମାତୃଭାଷା ଆଧାରିତ କରିବା ପାଇଁ ମୋଦୀ ସରକାର ବଦ୍ଧପରିକର। ସମାରୋହରେ ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘ ଓଡ଼ିଶା ପୂର୍ବର ପ୍ରାନ୍ତ କାର୍ଯ୍ୟବାହ ଡ. ଅନିଲ କୁମାର ମିଶ୍ର, ବିଦ୍ୟା ଭାରତୀ, ଅଖିଳ ଭାରତୀୟ ଶିକ୍ଷା ସଂସ୍ଥାନର ସଂଗଠନ ମନ୍ତ୍ରୀ ଗୋବିନ୍ଦ ଚନ୍ଦ୍ର ମହାନ୍ତ, ମୁଖ୍ୟ ବକ୍ତା ଭାବେ ବିଦ୍ୟା ଭାରତୀ, ଅଖିଳ ଭାରତୀୟ ଶିକ୍ଷା ସଂସ୍ଥାନର ଅଧ୍ୟକ୍ଷ ଡ. ରବୀନ୍ଦ୍ର କାହ୍ନେରେ, ଅଧ୍ୟକ୍ଷ ଭାବେ ଶିକ୍ଷା ବିକାଶ ସମିତି, ଓଡ଼ିଶାଙ୍କ ସଭାପତି, ଡ. କିଶୋରଚନ୍ଦ୍ର ମହାନ୍ତି ମଞ୍ଚାରୂଢ଼ ହୋଇ ସମ୍ମିଳନୀର ଶୋଭା ବର୍ଦ୍ଧନ କରିଥିଲେ।

## ସଂ ପା ଦ କୀ ୟ

# ତୃତୀୟ ବିଶ୍ୱଯୁଦ୍ଧ ଆଶଙ୍କା ବଢ଼ିଲା

ଋଷ୍ ଉପରେ ୟୁକ୍ରେନ୍‌ର ସବୁଠୁ ବଡ଼ ଆକ୍ରମଣ । ଋଷିଆ ସାଇବେରିଆ ଏୟାରବେସରେ ଜେଲେନସ୍କି ସେନାର ଏୟାରଷ୍ଟ୍ରାଇକ୍ । ୧୧୭ଟି ଡ୍ରୋନ୍ ଜରିଆରେ ୪୦ଟି ଲଢୁଆ ଯୁଦ୍ଧ ବିମାନ ସହ ୫ ଏୟାରବେସ ସମ୍ପୂର୍ଣ୍ଣ ଧ୍ୱଂସ । ସୋସିଆଲ ମିଡ଼ିଆ ଆକାଉଣ୍ଟରେ ସୂଚନା ଦେଇଛନ୍ତି ୟୁକ୍ରେନ୍ ରାଷ୍ଟ୍ରପତି ଜେଲେନ୍ସ୍କି । ଆକ୍ରମଣରେ ଋଷ୍‌ର ପ୍ରାୟ ୧୭ ହଜାର କୋଟି ଟଙ୍କାର କ୍ଷତି ହୋଇଥିବା ଦାବି । ପୂର୍ବ ଯୋଜନା ମୁତାବକ ଏହି ବଡ଼ ଆକ୍ରମଣ ହୋଇଥିବା କହିଛନ୍ତି ୟୁକ୍ରେନ ରାଷ୍ଟ୍ରପତି । ଅଭିଯାନରେ ବ୍ୟବହୃତ ହୋଇଥିଲା ମୋଟ ୧୧୭ ଡ୍ରୋନ । ସମାନ ରଣନୈତିକ କ୍ରୁଜର ୩୪% ଏୟାରବେସରେ ନିୟୋଜିତ କ୍ଷେପଣାସ୍ତ୍ର ବାହକମାନଙ୍କୁ କରାଯାଇଥିଲା ଟାର୍ଗେଟ । ଆଉ ଏତେ ବଡ ହମଲା ପରେ ବଢ଼ିଛି ତୃତୀୟ ବିଶ୍ୱଯୁଦ୍ଧ ଭୟ । ଯୁଦ୍ଧ ଆଶଙ୍କା ଏବେ ନୁହେଁ ୨୫୦୦ ବର୍ଷ ପୂର୍ବେ ଲେଖା ହୋଇଥିଲା। ଚୀନ୍ ଦାର୍ଶନିକଙ୍କ 'ଆର୍ଟ ଅଫ୍ ୱାର'କୁ ନେଇ ଚର୍ଚ୍ଚା । ଜୁନ୍ ୧, ୨୦୨୫ । ଋଷ ଭିତରେ ୪୦୦୦ କିଲୋମିଟର ପଶି ହମ୍‌ଲା କରିଥିଲା ୟୁକ୍ରେନ । ଆକ୍ରମଣ ଥିଲା ଋଷର ସାମରିକ ସମ୍ବଳକୁ ଦୁର୍ବଳ କରିବା । ୟୁକ୍ରେନ ଏହି ଅପରେସନର ନା ରଖିଛି ସ୍ପାଇଡର୍‌ୱେବ୍ । ୪ଇଟ ଆକଳନ କରିଛି ଯେ ଆକ୍ରମଣରେ ୭ ବିଲିୟନ ଡଲାରର ବିପୁଳ କ୍ଷତି ସହିଛି ଋଷ । ୟୁକ୍ରେନର ଏହି କାର୍ଯ୍ୟକୁ ଦୁଃସାହାସିକ କହିଛି ପୁଟିନ୍ ସେନା । କ୍ରେମଲିନ୍ ସୂଚିତ କରିଛି ଯେ ରାଷ୍ଟ୍ରପତି ଭ୍ଲାଦିମିର ପୁଟିନ୍ ଏହାର ଜବାବ ଦେବେ । ଆଶ୍ଚର୍ଯ୍ୟର ବିଷୟ ଏହି ଆକ୍ରମଣ ଜୁନ୍ ୨, ଅର୍ଥାତ୍ ଇସ୍ତାନବୁଲରେ ପ୍ରସ୍ତାବିତ ଶାନ୍ତି ଆଲୋଚନା ପୂର୍ବରୁ ହୋଇଛି । ଯାହା ଆଲୋଚନାକୁ ଆହୁରି ଜଟିଳ କରିଛି। ସାଢ଼େ ତିନି ବର୍ଷ ଧରି ଚାଲିଥିବା ଏହି ଯୁଦ୍ଧର ଗତିକୁ ରୋକିବାକୁ ୟୁକ୍ରେନ ରବିବାର ନେଇଥିଲା 'ଦୁଃସାହସିକ' ପଦକ୍ଷେପ । ପୂର୍ବରୁ ଅନେକ ବାର ଚେଷ୍ଟା ପରେ ବି ମିଳିନଥିଲା ସଫଳ । ଅନ୍ୟପଟେ ୟୁକ୍ରେନିଆର ଆକ୍ରମଣ ପରେ ବଢ଼ିଛି ଯୁଦ୍ଧ ଭୟ । ୪୦ ରୁ ଅଧିକ ଜଳୁଥିବା ବିମାର ଚିତ୍ର ଋଷିଆର ସାମରିକ ଗର୍ବକୁ ଚ୍ୟାଲେଞ୍ଜ କରିଛି । ଆଉ ଏସବୁ ଦେଖିବା ପରେ ରାଗରେ ଜର୍ଜରିତ ପୁଟିନ୍ ସେନା । ପ୍ରତି ଜବାବ୍‌ରେ କ୍ରୁଜ୍ କ୍ଷେପଣାସ୍ତ୍ର, ହାଇପରସୋନିକ୍ କ୍ଷେପଣାସ୍ତ୍ର, ଯେପରିକି କିଞ୍ଜାଲ୍ ବ୍ୟବହାର ହୋଇପାରେ। ଋଷ ପାଖରେ ୟାର୍ସ ପରମାଣୁ କ୍ଷେପଣାସ୍ତ୍ର ବି ରହିଛି । ଯାହା ଏକାଧିକ ବହୁତ ସ୍ୱାଧୀନ ଭାବରେ ଟାର୍ଗେଟେବଲ୍ ରିଏଣ୍ଟ୍ରି ଯାନ ବହନ କରିପାରେ। ଯାହା ମଧ୍ୟରୁ ପ୍ରତ୍ୟେକଟିରେ ଏକ ଥର୍ମୋନ୍ୟୁକ୍ଲିୟର ୱାରହେଡ୍ ଅଛି। ତଥାପି, ଏହି ସମୟରେ ପରମାଣୁ ଅସ୍ତ୍ରର ବ୍ୟବହାର ଅସମ୍ଭବ ମନେହୁଏ । କାରଣ ଏହା ବିଶ୍ୱ ଧ୍ୱଂସର କାରଣ ହୋଇପାରେ । ଋଷର ଲକ୍ଷ୍ୟ ୟୁକ୍ରେନର ଡ୍ରୋନ୍ ଏବଂ କ୍ଷେପଣାସ୍ତ୍ର ଉତ୍ପାଦନ କ୍ଷମତାକୁ ବି ଦୁର୍ବଳ କରିବା ସହ ନାଟୋ ସମର୍ଥନକୁ ବାଧା ଦେବା । ୨୫ ବର୍ଷ ଶାସନ ପୂର୍ତ୍ତି ଅବସରରେ ଭିଡିଓରେ ପୁଟିନ କରିଥିଲେ ଏମିତି କିଛି ଖୁଲାସା । କହିଥିଲେ ଆମ ନିକଟରେ ଯଥେଷ୍ଟ ସୈନ୍ୟବଳ ସହ ଅଛି ବିପୁଳ ଅସ୍ତ୍ରଶସ୍ତ୍ର । ୨୦୨୨ରେ ଋଷ ଆରମ୍ଭ କରିଥିବା କାର୍ଯ୍ୟକୁ ନିଜେ ଦେବ ପରିଣାମ । ପୁଟିନ ବର୍ତ୍ତମାନ ୟୁକ୍ରେନରେ ନାଟୋ ଦେଶଗୁଡ଼ିକର ହସ୍ତକ୍ଷେପକୁ ନେଇ କ୍ରୋଧିତ। ପୁଟିନ ପୂର୍ବରୁ କହିଛନ୍ତି ଯେ ନାଟୋର ହସ୍ତକ୍ଷେପ 'ସଭ୍ୟତାର ବିନାଶ' ଆଡ଼କୁ ହୋଇପାରେ। ମେ ୨୦୨୪ରେ, ଦିମିତ୍ରୀ ମେଦଭେଦେବ ପରମାଣୁ ଯୁଦ୍ଧ ନେଇ ଚେତାବନୀ ଦେଇଥିଲେ। ଯଦି ରୁଷ ଏହି ଆକ୍ରମଣକୁ ନାଟୋ ପାଇଁ ଏକ ଚ୍ୟାଲେଞ୍ଜ ଭାବେ ବିବେଚନା କରେ, ତେବେ ପୁଟିନ ଅଦୃଶ୍ୟ ଓ ଅନାବଶ୍ୟକ କାର୍ଯ୍ୟ କରିବେ ଏହା ନିସନ୍ଦେହ । ଏଥିରୁ ସ୍ପଷ୍ଟ ଯେ କୌଣସି ମୁହୂର୍ତ୍ତରେ ହୋଇପାରେ ତୃତୀୟ ବିଶ୍ୱଯୁଦ୍ଧ ।

**ଆପଣଙ୍କ ଅଭିଯୋଗ, ସମସ୍ୟା ଓ ମତାମତକୁ ପ୍ରମାଣ ସହ ପଠାନ୍ତୁ । ବିଶେଷ ପୃଷ୍ଠା ନିମନ୍ତେ ଲେଖା ମଧ୍ୟ ପଠାଇ ପାରିବେ।**

ମୋବାଇଲ (ହ୍ୱାଟସ୍‌ଆପ୍) ୭୩୭୧୪୧୭୩୭୧
ଇମେଲ: voiceofvictimsnews@gmail.com
ମୁଖ୍ୟ ସମ୍ପାଦକ : କୈଳାସ ଚନ୍ଦ୍ର ଶତପଥୀ
ମୁଖ୍ୟ ପ୍ରତିନିଧି : ରଣଜିତ୍ ପଟ୍ଟନାୟକ

# ବିଶ୍ୱ ତାପମାତ୍ରା ବୃଦ୍ଧି : ମନୁଷ୍ୟ କୃତ

**ଅସିତ ମହାନ୍ତି**

ଜଳବାୟୁ ପରିବର୍ତ୍ତନ ତାପମାତ୍ରା ଏବଂ ପାଣିପାଗ ଢାଞ୍ଚାରେ ଦୀର୍ଘକାଳୀନ ପରିବର୍ତ୍ତନକୁ ବୁଝାଏ। ସୂର୍ଯ୍ୟଙ୍କ କାର୍ଯ୍ୟକଳାପରେ ପରିବର୍ତ୍ତନ କିମ୍ବା ବଡ଼ ଆଗ୍ନେୟଗିରି ଉଦ୍ଗୀରଣ ହେତୁ ଏହିପରି ପରିବର୍ତ୍ତନ ସ୍ୱାଭାବିକ ହୋଇପାରେ । କିନ୍ତୁ ୧୮୦୦ ଦଶକରୁ ମାନବ କାର୍ଯ୍ୟକଳାପ ଜଳବାୟୁ ପରିବର୍ତ୍ତନର ମୁଖ୍ୟ ବାହକ ହୋଇଛି, ମୁଖ୍ୟତଃ କୋଇଲା, ତୈଳ ଏବଂ ଗ୍ୟାସ୍ ପରି ଜୀବାଶ୍ମ ଇନ୍ଧନ ଜଳାଇବା କାରଣରୁ। ଜୀବାଶ୍ମ ଇନ୍ଧନ ଜଳାଇବା ଦ୍ୱାରା ଗ୍ରୀନ୍ ହାଉସ୍ ଗ୍ୟାସ୍ ନିର୍ଗମନ ସୃଷ୍ଟି ହୁଏ ଯାହା ପୃଥିବୀ ଚାରିପଟେ ଆଚ୍ଛାଦିତ ଏକ କମ୍ବଳ ପରି କାର୍ଯ୍ୟ କରେ, ସୂର୍ଯ୍ୟଙ୍କ ଉତ୍ତାପକୁ ଫସାଇଥାଏ ଏବଂ ତାପମାତ୍ରା ବୃଦ୍ଧି କରେ ।

ଜଳବାୟୁ ପରିବର୍ତ୍ତନ ସୃଷ୍ଟି କରୁଥିବା ମୁଖ୍ୟ ଗ୍ରୀନ୍ ହାଉସ୍ ଗ୍ୟାସ୍ ଗୁଡ଼ିକ ମଧ୍ୟରେ କାର୍ବନ ଡାଇଅକ୍ସାଇଡ୍ ଏବଂ ମିଥେନ୍ ଅନ୍ତର୍ଭୁକ୍ତ। ଉଦାହରଣ ସ୍ୱରୂପ, କାର ଚଳାଇବା ପାଇଁ ପେଟ୍ରୋଲ ବ୍ୟବହାର କରିବା କିମ୍ବା କୋଠାକୁ ଗରମ କରିବା ପାଇଁ କୋଇଲା ବ୍ୟ ବହାର କରିବା ଦ୍ୱାରା ଏଗୁଡ଼ିକ ଆସିଥାଏ। ଜମି ସଫା କରିବା ଏବଂ ଜଙ୍ଗଲ କାଟିବା ଦ୍ୱାରା ଅଙ୍ଗାରକାମ୍ଳ ନିର୍ଗମନ ମଧ୍ୟ ହୋଇପାରେ। କୃଷି, ତୈଳ ଏବଂ ଗ୍ୟାସ୍ ପରିଚାଳନା ମିଥେନ୍ ନିର୍ଗମନର ପ୍ରମୁଖ ଉତ୍ସ। ଶକ୍ତି, ଶିଳ୍ପ, ପରିବହନ, କୋଠାବାଡ଼ି, କୃଷି ଏବଂ ଜମିର ବ୍ୟବହାର ଗ୍ରୀନ୍ ହାଉସ୍ ଗ୍ୟାସ୍ ସୃଷ୍ଟି କରୁଥିବା ମୁଖ୍ୟ କ୍ଷେତ୍ରଗୁଡ଼ିକ ମଧ୍ୟରେ ରହିଛି। ଜଳବାୟୁ ବୈଜ୍ଞାନିକମାନେ ଦର୍ଶାଇଛନ୍ତି ଯେ ଗତ ୨୦୦ ବର୍ଷ ମଧ୍ୟରେ ପ୍ରାୟ ସମସ୍ତ ବିଶ୍ୱ ଉତ୍ତାପ ପାଇଁ ମଣିଷ ଦାୟୀ । ଉପରୋକ୍ତ ପରି ମାନବ କାର୍ଯ୍ୟକଳାପ ଗ୍ରୀନ୍ ହାଉସ୍ ଗ୍ୟାସ୍ ସୃଷ୍ଟି କରୁଛି ଯାହା ଅତି କମରେ ଗତ ଦୁଇ ହଜାର ବର୍ଷ ମଧ୍ୟରେ ଯେକୌଣସି ସମୟ ଅପେକ୍ଷା ବିଶ୍ୱକୁ ଶୀଘ୍ର ଗରମ କରୁଛି । ପୃଥିବୀ ପୃଷ୍ଠର ହାରାହାରି ତାପମାତ୍ରା ବର୍ତ୍ତମାନ ୧୮୦୦ ଦଶକର ଶେଷଭାଗ (ଶିଳ୍ପ ବିପ୍ଳବ ପୂର୍ବରୁ) ତୁଳନାରେ ୧.୨ ଡିଗ୍ରୀ ସେଲସିୟସ ଅଧିକ ଗରମ ଏବଂ ଗତ ୧୦୦,୦୦୦ ବର୍ଷର ଯେକୌଣସି ସମୟ ତୁଳନାରେ ଅଧିକ ଗରମ। ଗତ ଦଶନ୍ଧି (୨୦୧୧-୨୦୨୦) ରେକର୍ଡରେ ସବୁଠାରୁ ଉଷ୍ଣ ଥିଲା, ଏବଂ ଗତ ଚାରି ଦଶନ୍ଧି ମଧ୍ୟରୁ ପ୍ରତ୍ୟକ ୧୮୫୦ ପରଠାରୁ ପୂର୍ବ ଦଶନ୍ଧି ଅପେକ୍ଷା ଅଧିକ ଗରମ ହୋଇଛି। ଅନେକ ଲୋକ ଭାବନ୍ତି ଯେ ଜଳବାୟୁ ପରିବର୍ତ୍ତନର ଅର୍ଥ ମୁଖ୍ୟତଃ ଉଷ୍ମ ତାପମାତ୍ରା। କିନ୍ତୁ ତାପମାତ୍ରା ବୃଦ୍ଧି ହେଉଛି କାହାଣୀର ଆରମ୍ଭ ମାତ୍ର।

ଯେହେତୁ ପୃଥିବୀ ହେଉଛି ଏକ ବ୍ୟବସ୍ଥା, ଯେଉଁଠାରେ ସବୁକିଛି ସଂଯୁକ୍ତ, ଗୋଟିଏ କ୍ଷେତ୍ରରେ ପରିବର୍ତ୍ତନ ଅନ୍ୟ ସମସ୍ତ କ୍ଷେତ୍ରରେ ପରିବର୍ତ୍ତନକୁ ପ୍ରଭାବିତ କରିପାରେ। ବର୍ତ୍ତମାନ ଜଳବାୟୁ ପରିବର୍ତ୍ତନର ପରିଣାମଗୁଡ଼ିକ ମଧ୍ୟରେ ରହିଛି, ତୀବ୍ର ମରୁଡ଼ି, ଜଳର ଅଭାବ, ଭୟଙ୍କର ଅଗ୍ନିକାଣ୍ଡ, ସମୁଦ୍ର ପତ୍ତନ ବୃଦ୍ଧି, ବନ୍ୟା, ଧ୍ରୁବୀୟ ବରଫ ତରଳିବା, ବିପର୍ଯ୍ୟୟପୂର୍ଣ୍ଣ ଝଡ଼ ଏବଂ ଜୈବ ବିବିଧତାର ହ୍ରାସ। ଜଳବାୟୁ ପରିବର୍ତ୍ତନ ଆମ ସ୍ୱାସ୍ଥ୍ୟ, ଖାଦ୍ୟ ଉତ୍ପାଦନ କ୍ଷମତା, ଆବାସ, ସୁରକ୍ଷା ଏବଂ କାର୍ଯ୍ୟକୁ ପ୍ରଭାବିତ କରିପାରେ। ଆମମାନଙ୍କ ମଧ୍ୟରୁ କେତେକ ଜଳବାୟୁ ପ୍ରଭାବ ଦ୍ୱାରା ଅଧିକ ଅସୁରକ୍ଷିତ, ଯେପରିକି ଛୋଟ ଦ୍ୱୀପ ରାଷ୍ଟ୍ର ଏବଂ ଅନ୍ୟାନ୍ୟ ବିକାଶଶୀଳ ଦେଶରେ ରହୁଥିବା ଲୋକମାନେ।

ସମୁଦ୍ର ପତ୍ତନ ବୃଦ୍ଧି ଏବଂ ଲବଣାକ୍ତ ଜଳର ଅନୁପ୍ରବେଶ ଭଳି ପରିସ୍ଥିତି ଏପରି ସ୍ଥିତିରେ ପହଞ୍ଚିଛି ଯେଉଁଠାରେ ସମଗ୍ର ସମ୍ପ୍ରଦାୟକୁ ସ୍ଥାନାନ୍ତର କରିବାକୁ ପଡ଼ିଛି, ଏବଂ ଦୀର୍ଘକାଳୀନ ମରୁଡ଼ି ଲୋକମାନଙ୍କୁ ଦୁର୍ଭିକ୍ଷ ବିପଦରେ ପକାଉଛି । ଭବିଷ୍ୟତରେ, ପାଣିପାଗ ସମ୍ବନ୍ଧୀୟ ଘଟଣା ଦ୍ୱାରା ବିସ୍ଥାପିତ ଲୋକଙ୍କ ସଂଖ୍ୟା ବୃଦ୍ଧି ପାଇବ ବୋଲି ଆଶା କରାଯାଉଛି।

ମିଳିତ ଜାତିସଂଘର ଏକାଧିକ ରିପୋର୍ଟରେ ହଜାର ହଜାର ବୈଜ୍ଞାନିକ ଏବଂ ସରକାରୀ ସମୀକ୍ଷକ ସହମତ ହୋଇଥିଲେ ଯେ ବିଶ୍ୱ ତାପମାତ୍ରା ବୃଦ୍ଧିକୁ ୧.୫ ଡିଗ୍ରୀ ସେଲସିୟସରୁ ଅଧିକ ସୀମିତ ରଖିବା ଆମକୁ ଖରାପ ଜଳବାୟୁ ପ୍ରଭାବରୁ ରକ୍ଷା କରିବାରେ ଏବଂ ବାସଯୋଗ୍ୟ ଜଳବାୟୁ ବଜାୟ ରଖିବାରେ ସାହାଯ୍ୟ କରିବ। ତଥାପି ବର୍ତ୍ତମାନ ପ୍ରଚଳିତ ନୀତିଗୁଡିକ ଶତାବ୍ଦୀର ଶେଷ ସୁଦ୍ଧା ୩.୧ସ୍ତ ପର୍ଯ୍ୟନ୍ତ ଉଷ୍ମତା ବୃଦ୍ଧି କରିବାକୁ ସୂଚାଇଥାଏ।

ଜଳବାୟୁ ପରିବର୍ତ୍ତନର କାରଣ ହେଉଥିବା ନିର୍ଗମନ ବିଶ୍ୱର ପ୍ରତ୍ୟକ ଭାଗରୁ ଆସିଥାଏ ଏବଂ ସମସ୍ତଙ୍କୁ ପ୍ରଭାବିତ କରିଥାଏ, କିନ୍ତୁ କେତେକ ଦେଶ ଅନ୍ୟମାନଙ୍କ ତୁଳନାରେ ଅଧିକ ଉତ୍ପାଦନ କରିଥାନ୍ତି। ଛଅଟି ବୃହତ ନିର୍ଗମନକାରୀ (ଚୀନ୍, ଆମେରିକା, ଭାରତ, ୟୁରୋପୀୟ ୟୁନିଅନ୍, ରୁଷିଆ ଫେଡେରେସନ୍ ଏବଂ ବ୍ରାଜିଲ) ମିଳିତ ଭାବରେ ୨୦୨୩ ରେ ସମସ୍ତ ବିଶ୍ୱ ଗ୍ରୀନ୍ ହାଉସ୍ ଗ୍ୟାସ୍ ନିର୍ଗମନର ଅଧାରୁ ଅଧିକ ଅଂଶ ଗ୍ରହଣ କରିଥିଲେ। ଅପରପକ୍ଷରେ, ୪୫ ଟି ସ୍ୱଳ୍ପ ବିକଶିତ ଦେଶ ବିଶ୍ୱର ଗ୍ରୀନ୍ ହାଉସ୍ ଗ୍ୟାସ୍ ନିର୍ଗମନର ମାତ୍ର ୩ ପ୍ରତିଶତ ପାଇଁ ଦାୟୀ। ସମସ୍ତେ ଜଳବାୟୁ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ଆବଶ୍ୟକ, କିନ୍ତୁ ଅଧିକ ସମସ୍ୟା ସୃଷ୍ଟି କରୁଥିବା ଲୋକ ଏବଂ ଦେଶଗୁଡ଼ିକର ପ୍ରଥମେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାର ଅଧିକ ଦାୟିତ୍ୱ ରହିଛି।

ଅନେକ ଜଳବାୟୁ ପରିବର୍ତ୍ତନ ସମାଧାନ ଆମ ଜୀବନରେ ଉନ୍ନତି ଆଣିବା ଏବଂ ପରିବେଶର ସୁରକ୍ଷା କରିବା ସହିତ ଆର୍ଥିକ ଲାଭ ପ୍ରଦାନ କରିପାରିବ। ନିରନ୍ତର ବିକାଶ ଲକ୍ଷ, ଜଳବାୟୁ ପରିବର୍ତ୍ତନ ଉପରେ ମିଳିତ ଜାତିସଂଘର ଫ୍ରେମୱାର୍କ ସମ୍ମିଳନୀ ଏବଂ ପ୍ୟାରିସ ରାଜିନାମା ଭଳି ପ୍ରଗତିର ମାର୍ଗଦର୍ଶନ ପାଇଁ ଆମ ପାଖରେ ବୈଶ୍ୱିକ ଢାଞ୍ଚା ଏବଂ ରାଜିନାମା ମଧ୍ୟ ରହିଛି। କାର୍ଯ୍ୟର ତିନୋଟି ବ୍ୟାପକ ବର୍ଗ ହେଉଛି ନିର୍ଗମନ ହ୍ରାସ କରିବା, ଜଳବାୟୁ ପ୍ରଭାବ ସହିତ ଖାପଖୁଆଇବା ଏବଂ ଆବଶ୍ୟକ ସମାୟୋଜନ ପାଇଁ ଆର୍ଥିକ ସହାୟତା। ଜୀବାଶ୍ମ ଇନ୍ଧନରୁ ସୌର କିମ୍ବା ପବନ ପରି ନବୀକରଣଯୋଗ୍ୟ ଶକ୍ତି ପ୍ରଣାଳୀକୁ ପରିବର୍ତ୍ତନ କରିବା ଦ୍ୱାରା ଜଳବାୟୁ ପରିବର୍ତ୍ତନକୁ ପରିଚାଳିତ କରୁଥିବା ନିର୍ଗମନ ହ୍ରାସ ପାଇବ।

କିନ୍ତୁ ଏବେ ଆମକୁ କାର୍ଯ୍ୟାନୁଷ୍ଠାନ ନେବାକୁ ପଡ଼ିବ। ୨୦୫୦ ମସିହା ସୁଦ୍ଧା ଅନେକ ଦେଶ ଶୂନ୍ୟ ଅଙ୍ଗାରକାମ୍ଳ ନିର୍ଗମନ ପାଇଁ ପ୍ରତିଶ୍ରୁତିବଦ୍ଧ ହୋଇଥିବାବେଳେ ତାପମାତ୍ରା ୧.୫ ଡିଗ୍ରୀ ସେଲ୍ସିୟସରୁ କମ୍ ରଖିବା ପାଇଁ ୨୦୩୦ ମସିହା ସୁଦ୍ଧା ଅଙ୍ଗାରକାମ୍ଳ ନିର୍ଗମନକୁ ଅଧା କରିବାକୁ ପଡ଼ିବ।

ଏହା ହାସଲ କରିବାର ଅର୍ଥ କୋଇଲା, ତୈଳ ଏବଂ ଗ୍ୟାସର ବ୍ୟବହାରରେ ବ୍ୟାପକ ହ୍ରାସ ଜଳବାୟୁ ପରିବର୍ତ୍ତନର ବିପର୍ଯ୍ୟୟ ସ୍ତରକୁ ରୋକିବା ପାଇଁ ୨୦୩୦ ସୁଦ୍ଧା ସମସ୍ତ ଜୀବାଶ୍ମ ଇନ୍ଧନ ଉତ୍ପାଦନ ଏବଂ ବ୍ୟବହାର ଅତି କମରେ ୩୦ ପ୍ରତିଶତ ହ୍ରାସ କରିବାକୁ ପଡିବ। ଜଳବାୟୁ ପ୍ରଭାବ ସହିତ ଖାପଖୁଆଇବା ଲୋକ, ଘର, ବ୍ୟବସାୟ, ଜୀବିକା, ଭିତ୍ତିଭୂମି ଏବଂ ପ୍ରାକୃତିକ ଇକୋସିଷ୍ଟମକୁ ସୁରକ୍ଷା ଦେଇଥାଏ। ଏହା ବର୍ତ୍ତମାନର ପ୍ରଭାବ ଏବଂ ଭବିଷ୍ୟତରେ ସମ୍ଭାବ୍ୟ ପ୍ରଭାବକୁ ଅନ୍ତର୍ଭୁକ୍ତ କରେ । ସର୍ବତ୍ର ଅନୁକୂଳତା ଆବଶ୍ୟକ ହେବ, କିନ୍ତୁ ଜଳବାୟୁ ବିପଦର ମୁକାବିଲା ପାଇଁ କମ୍ ସମ୍ବଳ ଥିବା ସବୁଠାରୁ ଦୁର୍ବଳ ଲୋକଙ୍କ ପାଇଁ ବର୍ତ୍ତମାନ ପ୍ରାଥମିକତା ଦିଆଯିବା ଆବଶ୍ୟକ। ଫେରସ୍ତ ହାର ଅଧିକ ହୋଇପାରେ। ବିପର୍ଯ୍ୟୟ ପାଇଁ ପ୍ରାରମ୍ଭିକ ଚେତାବନୀ ବ୍ୟବସ୍ଥା, ଉଦାହରଣ ସ୍ୱରୂପ, ଜୀବନ ଏବଂ ସମ୍ପତ୍ତି ବଞ୍ଚାଇଥାଏ, ଏବଂ ପ୍ରାରମ୍ଭିକ ମୂଲ୍ୟର ୧୦ ଗୁଣ ପର୍ଯ୍ୟନ୍ତ ଲାଭ ପ୍ରଦାନ କରିପାରେ। ଜଳବାୟୁ କାର୍ଯ୍ୟାନୁଷ୍ଠାନ ପାଇଁ ସରକାରଙ୍କ ଦ୍ୱାରା ଗୁରୁତ୍ୱପୂର୍ଣ୍ଣ ଆର୍ଥିକ ନିବେଶର ଆବଶ୍ୟକତା ରହିଛି । କିନ୍ତୁ ଜଳବାୟୁ ନିଷ୍କ୍ରିୟତା ଅଧିକ ବ୍ୟୟବହୁଳ। ବିକଶିତ ଦେଶଗୁଡ଼ିକ ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ହେଉଛି ବିକାଶଶୀଳ ଦେଶମାନଙ୍କୁ ସମର୍ଥନ କରିବା, ଯାହାଦ୍ୱାରା ସେମାନେ ଅନୁକୂଳ ହୋଇ ସବୁଜ ଅର୍ଥନୀତି ଆଡ଼କୁ ଅଗ୍ରସର ହୋଇପାରିବେ।

**ସୁଜନପୁର, ଯାଜପୁର**

# ଜିଲ୍ଲା ସ୍ତରୀୟ ଓଡ଼ିଶା ଭିଜନ ୨୦୩୬ ଓ ୨୦୪୭, ବିକଶିତ ଓଡ଼ିଶା ପାଇଁ ବିକଶିତ ଜିଲ୍ଲା ପରାମର୍ଶ କର୍ମଶାଳା ଆୟୋଜିତ



ଜଗତସିଂହପୁର, (ଭିଓଭି): ସ୍ଥାନୀୟ ଆଦିକବି ସାରଳା ଦାସ ସଂସ୍କୃତି ଭବନ ଠାରେ ଜିଲ୍ଲା ସ୍ତରୀୟ ଓଡ଼ିଶା ଭିଜନ ୨୦୩୬ ଓ ୨୦୪୭, ବିକଶିତ ଓଡ଼ିଶା ପାଇଁ ବିକଶିତ ଜିଲ୍ଲା ପରାମର୍ଶ କର୍ମଶାଳା ଆୟୋଜିତ ହୋଇଯାଇଛି। ଏହି କର୍ମଶାଳା ରେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ମାନ୍ୟବର ମନ୍ତ୍ରୀ ଶିଳ୍ପ ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ଶ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ ସରକାରଙ୍କ ଉନ୍ନୟନ ମୂଳକ କାର୍ଯ୍ୟକ୍ରମ ଦ୍ୱାରା ଆଜି ରାଜ୍ୟ ସହ ଜିଲ୍ଲା ର ବିକାଶ ଘଟିଛି ବୋଲି କହିଥିଲେ। ସବକା ସାଥ ସବକା ବିକାଶ ନ୍ୟାୟରେ ୨୦୩୬ ସୁଦ୍ଧା ରାଜ୍ୟ ର ଅର୍ଥନୀତି କୁ ୫୦୦ ବିଲିଅନ ଡଲାର ରେ ପହଞ୍ଚାଇ ବିକାଶ ର ବେଗକୁ ତ୍ୱରାନ୍ୱିତ କରିବା ପାଇଁ ସେ ଆଶା ପୋଷଣ କରିଥିଲେ। ତୃଣମୂଳ ସ୍ତରରୁ ବିକାଶ ହେଲେ ଯାଇ ସାମଗ୍ରିକ ବିକାଶ ସମ୍ଭବ ବୋଲି ସେ କହିଥିଲେ।
ସମ୍ମାନିତ ଅତିଥି ଭାବେ ଯୋଗଦେଇ ମାନ୍ୟବର ସାଂସଦ ଜଗତସିଂହପୁର ଶ୍ରୀ ବିଭୁ ପ୍ରସାଦ ତରାଇ ବିକାଶ ର ମୂଳଦୁଆ ଗ୍ରାମୀଣ କ୍ଷେତ୍ର ରୁ ହୋଇଥାଏ ବୋଲି ମନ୍ତବ୍ୟ ରଖିଥିଲେ। ଗ୍ରାମ ରେ କୃଷି, ଶିକ୍ଷା, ସ୍ୱାସ୍ଥ୍ୟ, ଗମନାଗମନ ବ୍ୟବସ୍ଥା ଆଦିର ଉନ୍ନତି ହେଲେ ଜିଲ୍ଲା ର ଉନ୍ନତି ସମ୍ଭବ ବୋଲି କହିଥିଲେ।ସଭାରେ ଉପସ୍ଥିତ ମାନ୍ୟବର ବିଧାୟକ ଜଗତସିଂହପୁର ଶ୍ରୀ ଅମରେନ୍ଦ୍ର ଦାସ ଜିଲ୍ଲା ର ଯୁବ ଶକ୍ତି ର ବିକାଶ ହେଲେ ଜିଲ୍ଲା ର ଉନ୍ନତି ସମ୍ଭବ ବୋଲି କହିଥିଲ। ଉପଯୁକ୍ତ ଶିକ୍ଷା, ଦକ୍ଷତା ବିକାଶ ସେଣ୍ଟର୍ ମିଳିଲେ ଜିଲ୍ଲା ର ଯୁବକ ମାନେ କୁଶଳୀ ହୋଇପାରିବେ। ଇନ୍ଟିଗ୍ରେଟେଡ ସଭାରେ ଯୋଗ ଦେଇ ମାନ୍ୟବର ବିଧାୟକ ବାଲିକୁଦା ଏରସମା ଶ୍ରୀ ସାରଦା ପ୍ରସନ୍ନ ଜେନା ଜିଲ୍ଲା ରେ କୃଷି, ଶିଳ୍ପ, ମତ୍ସ୍ୟ ଆଦି କ୍ଷେତ୍ର ରେ ଥିବା ସମ୍ଭାବ୍ୟ ଉନ୍ନତି ବିଷୟରେ ଆଲୋକପାତ କରିଥିଲେ। ମାନ୍ୟବର ବିଧାୟକ ତିର୍ତ୍ତୋଲ ଡ଼ଃ ରମାକାନ୍ତ ଭୋଇ ଜିଲ୍ଲା ର ବିକାଶ ଗ୍ରାମ ର ବିକାଶ ରେ ରହିଛି ବୋଲି କହିଥିଲେ। ଜଗତସିଂହପୁର ଜିଲ୍ଲାର ବେକାର ଯୁବକ ଯୁବତୀଙ୍କୁ ଦକ୍ଷତା ବିକାଶ ଶିକ୍ଷା ସହ କର୍ମ ସଂସ୍ଥାନ ଯୋଗାଇ ଦିଆଯାଇ ପାରିଲେ ଜିଲ୍ଲା ର ଉନ୍ନତି ସମ୍ଭବ ବୋଲି ସେ କହିଥିଲେ। ଜିଲ୍ଲା ପରିଷଦ ଅଧ୍ୟକ୍ଷ ଶ୍ରୀ ମନୋଜ କୁମାର ଭୋଇ, ଜଗତସିଂହପୁର ପୌର ପରିଷଦ ଅଧ୍ୟକ୍ଷା ଶ୍ରୀମତୀ ଅର୍ଚ୍ଚନା ସିଂହ, ପାରାଦ୍ୱୀପ ପୌର ପରିଷଦର ଅଧ୍ୟକ୍ଷ ଶ୍ରୀ ବସନ୍ତ କୁମାର ବିଶ୍ୱାଳ ମଧ୍ୟ ବିକଶିତ ଓଡ଼ିଶା ପାଇଁ ବିକଶିତ ଜିଲ୍ଲା ତଥା ବିକଶିତ ଗ୍ରାମ ର ଭାଗିଦାରୀ ବିଷୟ ରେ ମତ ପ୍ରକାଶ କରିଥିଲେ। ମଞ୍ଚ ରେ ଅନ୍ୟ ମାନଙ୍କ ମଧ୍ୟରେ ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ସମ୍ବିତ କୁମାର ରାଉତ, ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ଜ୍ୟୋତି ଶଙ୍କର ରାୟ, ଅତିରିକ୍ତ ଜିଲ୍ଲାପାଳ ପାରାଦ୍ୱୀପ ଶ୍ରୀ ନିରଞ୍ଜନ ବେହେରା, ଜିଲ୍ଲା ପରିଷଦ ମୁଖ୍ୟ ବିକାଶ ତଥା ନିର୍ବାହୀ ଅଧିକାରୀ ଶ୍ରୀ ରବି ନାରାୟଣ ଜେଠୀ ଉପସ୍ଥିତ ରହିଥିଲେ। ପରେ ପରେ ଅର୍ଥନୀତିଜ୍ଞ ମାନଙ୍କ ଦ୍ୱାରା ସତତ ବିକାଶ ଓ ଓଡ଼ିଶା ର ଭବିଷ୍ୟତ ବିଷୟ ରେ ଆଲୋଚନା ଚକ୍ର ଅନୁଷ୍ଠିତ ହୋଇଥିଲା। ଶେଷ ରେ ଡି ଡି ପ୍ଲାନିଂ ସବିତା ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

## ଯାଜପୁରରେ ବ୍ୟାପୁଛି ଡାଇରିଆ

# ସରକାରୀ କର୍ମଚାରୀଙ୍କ ଛୁଟି ବାତିଲ





ଯାଜପୁର (ଭିଓଭି): ଯାଜପୁର ଜିଲ୍ଲାର ବିଭିନ୍ନ ଅଞ୍ଚଳରେ ଡାଇରିଆ ନିୟନ୍ତ୍ରଣକୁ ଆସୁ ନାହିଁ। ଦିନକୁ ଦିନ ଆକ୍ରାନ୍ତଙ୍କ ସଂଖ୍ୟା ଓ ମୃତ୍ୟୁ ସଂଖ୍ୟା ବୃଦ୍ଧି ପାଉଛି। ଏହାକୁ ଦୃଷ୍ଟିରେ ରଖି ଜିଲ୍ଲା ପ୍ରଶାସନ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେଇଛନ୍ତି। ଜିଲ୍ଲାରେ ଡାଇରିଆ ବ୍ୟାପୁଥିବାରୁ ସମସ୍ତ କର୍ମଚାରୀଙ୍କ ଛୁଟି ବାତିଲ ହୋଇଛି। ଜିଲ୍ଲାପାଳ ପି ଅନ୍ୱେଷା ରେଡ୍ଡୀ ଏନେଇ ଗଣମାଧ୍ୟମକୁ ସୂଚନା ଦେଇଛନ୍ତି। ଏଥିରେ କୁହାଯାଇଛି ଯେ, ଜୁନ ୧୪ରୁ ୧୬ ତାରିଖ ଯାଏଁ ତିନିଦିନ ପର୍ଯ୍ୟନ୍ତ ଜିଲ୍ଲାର ସମସ୍ତ କାର୍ଯ୍ୟାଳୟ ଖୋଲା ରହିବ। ଏହି ସମୟରେ କୌଣସି କର୍ମଚାରୀଙ୍କୁ ଛୁଟି ପାଇଁ ଅନୁମତି ଦିଆଯିବ ନାହିଁ। ଏଥି ସହିତ ପୂର୍ବରୁ ଦିଆଯାଇଥିବା ଛୁଟି ମଧ୍ୟ ବାତିଲ କରାଯାଇଛି। ସୂଚନାଯୋଗ୍ୟ, ଯାଜପୁର ଜିଲ୍ଲାରେ ଗୁରୁବାର ସୁଦ୍ଧା ଡାଇରିଆ ଆକ୍ରାନ୍ତଙ୍କ ସଂଖ୍ୟା ୬୨୨ ବୃଦ୍ଧି ପାଇ ଥିବାବେଳେ ଡାଇରିଆଜନିତ ମୃତ୍ୟୁସଂଖ୍ୟା ୧୧ ଛୁଇଁଛି। ଧର୍ମଶାଳା, ଯାଜପୁରରୋଡ୍ (ବ୍ୟାସନଗର), ଦାନଗଦୀ, ସୁକିନ୍ଦା, କୋରେଇ ଓ ରସୁଲପୁର ବ୍ଲକ୍ ସମେତ ଅନ୍ୟ ଅଞ୍ଚଳକୁ ପ୍ରଭାବିତ କରିଛି। ଆକ୍ରାନ୍ତଙ୍କ ସଂଖ୍ୟା ବଢୁଥିବାରୁ ସ୍ଥାନୀୟ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରଗୁଡ଼ିକରେ ରୋଗୀଙ୍କ ଲମ୍ବାଧାଡ଼ି ଲାଗିଛି। ଏବେ ସୁଦ୍ଧା ଯାଜପୁର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ଓ ଯଯାତି ମେଡିକାଲ କଲେଜ ହସ୍ପିଟାଲ ସମେତ ଜିଲ୍ଲାର ବିଭିନ୍ନ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ୨୮୫ ଜଣ ରୋଗୀ ଚିକିତ୍ସାଧୀନ ଅଛନ୍ତି। ଜିଲ୍ଲାରେ ୬ ଜଣଙ୍କର ମୃତ୍ୟୁ ହୋଇଥିବାବେଳେ ଯାଜପୁର ସଦର ବ୍ଲକ୍ ଖଇରାବାଦ ଗାଁର ଅନିଲ ସିଂ, ମଲାପଡ଼ାର ସେବତୀ ଘଡ଼ାଇ, ଦଶରଥପୁର ବ୍ଲକ୍ ଝାଡ଼ଙ୍ଗା ଗାଁର ପବିତ୍ରା ଦାସ, ବ୍ୟାସନଗର ପୌରାଞ୍ଚଳ ୱାର୍ଡ ନଂ ୧୧ ଚାନ୍ଦମା ଅଞ୍ଚଳର ସନାତନ ପାଇକିରା ଓ କୋରେଇ ପଛିକୋଟ ଗ୍ରାମର ଦେବକୀ ମଲ୍ଲିକଙ୍କ ମୃତ୍ୟୁ ହୋଇଛି। ଏହି ଜଳବାହିତ ରୋଗ ବିଭିନ୍ନ ଅଞ୍ଚଳକୁ ବ୍ୟାପୁଥିବାରୁ ରାଜ୍ୟ ସ୍ୱାସ୍ଥ୍ୟ ବିଭାଗ ତତ୍ପରତା ପ୍ରକାଶ କରିଛି। ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ସଚିବ ଏସ୍. ଅଶ୍ୱଥି ଯାଜପୁର ଗସ୍ତ କରି ସ୍ଥିତି ଅନୁଧ୍ୟାନ କରିବା ସହିତ ଆବଶ୍ୟକ ସହଯୋଗ ଓ ତ୍ୱରିତ ନିରାକରଣ ପାଇଁ ପଦକ୍ଷେପ ନେବାକୁ ଜିଲ୍ଲା ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଜିଲ୍ଲାରେ ଝାଡ଼ାବାନ୍ତି ନିୟନ୍ତ୍ରଣକୁ ଆସୁ ନଥିବାରୁ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସମସ୍ତ ପ୍ରତିଷେଧକ ବ୍ୟବସ୍ଥା ଗ୍ରହଣ କରାଯାଇଛି। ରୋଗୀଙ୍କୁ ଜରୁରୀ ଚିକିତ୍ସା ଯୋଗାଇ ଦେବା ପାଇଁ ଜିଲ୍ଲା ଓ ରାଜ୍ୟସ୍ତରରୁ ଏକାଧିକ ଡାକ୍ତରୀ ଟିମ୍‌କୁ ପ୍ରଭାବିତ ଅଞ୍ଚଳକୁ ପଠାଯାଇଛି। ଡବ୍ଲୁଏଚ୍ଓ ପ୍ରତିନିଧି, ଆଇସିଆରଏମ୍‌ରର ପ୍ରତିନିଧି ଓ ଭାରତ ସରକାରଙ୍କ ସ୍ୱାସ୍ଥ୍ୟ ମନ୍ତ୍ରାଳୟ ପ୍ରତିନିଧି ଯାଜପୁର ଜିଲ୍ଲାରେ ପହଞ୍ଚି ବିଭିନ୍ନ ଅଞ୍ଚଳ ବୁଲି ସ୍ଥିତି ଅନୁଧ୍ୟାନ କରିଛନ୍ତି।

## ଜିଲ୍ଲା ଆଇନ୍ ସେବା ପ୍ରାଧିକରଣ ଦ୍ୱାରା ବିଶ୍ୱ ଶିଶୁ ଶ୍ରମ ନିରୋଧ ଦିବସ ପାଳିତ

ଭଦ୍ରକ, (ଭିଓଭି): ଆଇନ୍ ସେବା ପ୍ରାଧିକରଣ, ଭଦ୍ରକ ଅଧ୍ୟକ୍ଷ ସଂଗ୍ରାମ କେଶରୀ ପଟ୍ଟନାୟକଙ୍କ ନିର୍ଦ୍ଦେଶରେ ଯୋଗୀରଷି ଲଛମନ ଦାସ ଶିଶୁ ଆଶ୍ରମ ଦୋଳସାହି, ଭଦ୍ରକଠାରେ ବିଶ୍ୱ ଶିଶୁ ଶ୍ରମ ନିରୋଧ ଦିବସ ପାଳିତ ହୋଇଯାଇଛି। ଜିଲ୍ଲା ଆଇନ୍ ସେବା ପ୍ରାଧିକରଣ ସଚିବ ପୂର୍ଣ୍ୟଶ୍ଳୋକ ରଥ ଏହି କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। ଏଲ୍.ଏ.ଡିସ୍.ଏସ୍. ସହାୟକ, ଭଦ୍ରକ ତାପସ କୁମାର ମହାନ୍ତି, ଜିଲ୍ଲା ଶିଶୁ ଯତ୍ନ ଅଧିକାରୀ, ଭଦ୍ରକ ଅବିନାଶ ମହାନ୍ତି, ଶ୍ରମବିଭାଗ ଅଧିକାରୀ, ଭଦ୍ରକ ସହାୟକ ଲୋକନାଥ ଦାସ, ସଂପାଦକ ଲୋକନାଥ ପତି, ଅଧିକ୍ଷକ, ଜ୍ୟୋତି ପ୍ରକାଶ ପତି, ଯୋଗି ରଷି ଲଛମନ ଦାସ ଶିଶୁ ଆଶ୍ରମ ଭଦ୍ରକ ତଥା ଏହି ଆଶ୍ରମର ପିଲାମାନଙ୍କ ସମେତ ସମସ୍ତ କର୍ମୀଗଣ ଯୋଗ ଦେଇଥିଲେ। ଜିଲ୍ଲା ଆଇନ୍ ସେବା ପ୍ରାଧିକରଣର କର୍ମୀମାନେ ଏହି କାର୍ଯ୍ୟକ୍ରମରେ ସଂପୂର୍ଣ୍ଣ ସହଯୋଗ କରି ସଫଳ କରାଇଥିଲେ। ଉପସ୍ଥିତଥିବା ଅତିଥିମାନେ ଏହି କାର୍ଯ୍ୟକ୍ରମରେ ଯୋଗଦେଇ ଛାତ୍ରମାନଙ୍କୁ ଶିଶୁ ଶ୍ରମିକ ବିରୋଧରେ ସଚେତନ କରାଇଥିଲେ। ଶିଶୁ ଶ୍ରମିକ ଏକ ସାମାଜିକ ବ୍ୟାଧି ହୋଇ ସମାଜର ଅହିତ ସାଧନ କରୁଛି।

# ୧୪ ମେଡିକାଲ କଲେଜରେ ଖାଲିପଡ଼ିଛି ୧୦୪ ପ୍ରଫେସର ପଦ

କଟକ (ଭିଓଭି): ରାଜ୍ୟରେ ଗୋଟିଏ ପରେ ଗୋଟିଏ ମେଡିକାଲ କଲେଜ ଖୋଲୁଛି। ହେଲେ ସବୁଠି ବିଶେଷଜ୍ଞ ଡାକ୍ତରଙ୍କ ଅଭାବ। ରାଜ୍ୟର ୧୪ଟି ମେଡିକାଲ କଲେଜରେ ବର୍ତ୍ତମାନ ୧୦୪ ପ୍ରଫେସର, ୩୪୦ ଆସୋସିଏଟ୍ ପ୍ରଫେସର ଓ ୫୦୬ ଆସିଷ୍ଟାଣ୍ଟ ପ୍ରଫେସର ପଦ ଖାଲିପଡ଼ିଛି। ଅନ୍ୟପଟେ, ରାଜ୍ୟର ସବୁଠାରୁ ବଡ଼ ରେଫରାଲ ହସ୍ପିଟାଲ୍–କଟକ ବଡ଼ଡାକ୍ତରଖାନାରେ ବି ଖାଲିପଡ଼ିଛି ଅନେକ ଡାକ୍ତର, ନର୍ସ ଓ ପାରାମେଡିକାଲ ପଦବି। ରାଜ୍ୟର ୧୪ଟି ମେଡିକାଲ କଲେଜରେ ୩୪୯ଜଣ ପ୍ରଫେସରଙ୍କ ସ୍ଥାନରେ ୨୪୫ ଜଣ ଥିବାବେଳେ ୧୦୪ ପଦ ଖାଲିପଡ଼ିଛି। ସେହିପରି ୫୧୫ ଆସୋସିଏଟ୍ ପ୍ରଫେସରଙ୍କ ସ୍ଥାନରେ ୧୭୫ଜଣ ଥିବାବେଳେ ୩୪୦ ପଦ ଖାଲିପଡ଼ିଛି। ୯୪୦ ଆସିଷ୍ଟାଷ୍ଟ ପ୍ରଫେସରଙ୍କ ସ୍ଥାନରେ ୪୩୪ ଜଣ ଅଛନ୍ତି ଓ ୫୦୬ ପଦବି ଖାଲିପଡ଼ିଛି। ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ନିର୍ଦ୍ଧାରିତ ସମୟ ଭିତରେ ଡିପାର୍ଟମେଣ୍ଟାଲ ପ୍ରମୋସନାଲ୍ କମିସନ୍ (ଡିପିସି) ବସୁ ନଥିବାରୁ ଏସ୍‌ସିବି ସମେତ ରାଜ୍ୟର ସମସ୍ତ ମେଡିକାଲ କଲେଜରେ ଖାଲିପଡୁଛି ପ୍ରଫେସର ପଦ। ଡିପିସି ନିୟମିତ ହେଉ ନଥିବାରୁ ଟାଇମ୍ ବାଉଣ୍ଡ କ୍ୟାରିୟର ଆଡ୍‌ଭାନ୍ସମେଣ୍ଟ (ଟିବିସିଏ)ବ୍ୟବସ୍ଥା ମଧ୍ୟ ଠିକ୍‌ରେ କାର୍ଯ୍ୟକାରୀ ହୋଇପାରୁନି। ବର୍ତ୍ତମାନ ଏସ୍‌ସିବିର ହେମାଟୋଲୋଜି, ରେଡିଓଲୋଜି, ପାଥୋଲୋଜି, ଟ୍ରାନ୍ସଫ୍ୟୁଜନ୍ ମେଡିସିନ୍, ଗ୍ୟାଷ୍ଟ୍ରୋ–ସର୍ଜରି, ନେଫ୍ରୋଲୋଜି, ବାୟୋକେମିଷ୍ଟ୍ରି ଭଳି ଗୁରୁତ୍ୱପୂର୍ଣ୍ଣ ବିଭାଗଗୁଡ଼ିକ ପ୍ରଫେସରଶୂନ୍ୟ। ହେଲେ, ଏହି ବିଭାଗଗୁଡିକରେ ପ୍ରଫେସର ଥିବା ଦର୍ଶାଇବା ପାଇଁ, ବିଶେଷ କରି ନ୍ୟାସନାଲ ମେଡିକାଲ କମିସନ୍(ଏନ୍‌ଏମ୍‌ସି)କୁ ଦର୍ଶାଇବା ପାଇଁ ଅବସରପ୍ରାପ୍ତ ପ୍ରଫେସରଙ୍କୁ ଚୁକ୍ତିଭିତ୍ତିରେ ରଖାଯାଉଛି। ଏସ୍‌ସିବିରେ ବି ୧୦ଜଣ ପ୍ରଫେସର ଅବସର ପରେ ଚୁକ୍ତିରେ ରହିଛନ୍ତି। ରାଜ୍ୟରେ ମାର୍ଚ୍ଚ ସୁଦ୍ଧା ଡିପିସି କରିବା ପାଇଁ ସ୍ୱାସ୍ଥ୍ୟ ବିଭାଗ ପ୍ରତିଶ୍ରୁତି ଦେଇଥିଲା। ହେଲେ, ଆଜି ସୁଦ୍ଧା ଡିପିସି ବସି ନଥିବାରୁ ଡାକ୍ତରଙ୍କ ପଦୋନ୍ନତି ହୋଇପାରୁନି। ଫଳରେ ପ୍ରଫେସର ପଦ ପାଇଁ ଯୋଗ୍ୟ ଡାକ୍ତର ଥାଇ ମଧ୍ୟ ପଦୋନ୍ନତି ପାଇପାରୁ ନାହାନ୍ତି। ଗତମାସରେ ଓମ୍‌ଟା ବୈଠକରେ ପ୍ରତିକ୍ରିୟା ପ୍ରକାଶ ପାଇବା ସହ ନିୟମିତ ବ୍ୟବଧାନରେ ଡିପିସି ପାଇଁ ସଂଘ ଦାବି କରିଥିଲା। ସ୍ୱାସ୍ଥ୍ୟ ବିଭାଗରେ ଚୁକ୍ତିଭିତ୍ତିକ ନିଯୁକ୍ତି ବ୍ୟବସ୍ଥାକୁ ସମ୍ପୂର୍ଣ୍ଣ ଭାବେ ଉଚ୍ଛେଦ କରିବାକୁ ଓମ୍‌ଟା ଦାବି କରିବା ସହ ନିୟମିତ ବ୍ୟବଧାନରେ ଓଡ଼ିଶା ଲୋକସେବା ଆୟୋଗ ମାଧ୍ୟମରେ ନିଯୁକ୍ତି କରାଇବାକୁ ଦାବି ଉଠାଇଛି। କେବଳ ଏସ୍‌ସିବିରେ ୧୮ଟି ପ୍ରଫେସର୍, ୬୦ ଆସୋସିଏଟ୍ ଓ ୮୦ ଆସିଷ୍ଟାଣ୍ଟ ପ୍ରଫେସର୍ ପଦ ଖାଲିପଡ଼ିଛି। ୨୦ରୁ ଅଧିକ ଆସୋସିଏଟ୍ ପ୍ରଫେସରଡେପୁଟେସନ୍‌ରେ ଅଛନ୍ତି। ଏସ୍‌ସିବିର ସ୍ଥିତି ଏମିତି ଥିବାବେଳେ ଅନ୍ୟ ୧୩ଟି ମେଡିକାଲ କଲେଜର ସ୍ଥିତି ସହଜେ ଅନୁମେୟ। ରାଜ୍ୟ ସରକାର ଡିପିସି ଓ ଟିବିସିଏ ସହ ଓପିଏସ୍‌ସି ମାଧ୍ୟମରେ ନିୟମିତ ନିଯୁକ୍ତି ପ୍ରକ୍ରିୟା ଜାରି ରଖିଲେ ଏଭଳି ସମସ୍ୟା ଅନେକ ମାତ୍ରାରେ ଦୂର ହୋଇପାରନ୍ତା ବୋଲି ଅଭିଜ୍ଞ ବିଶେଷଜ୍ଞମାନେ ମତପ୍ରକାଶ କରିଛନ୍ତି।

# ଭୂତ କୋଠି ପାଲଟିଛି ଅଙ୍ଗନବାଡ଼ି କେନ୍ଦ୍ର



ଭଦ୍ରକ, (ଭିଓଭି): ଭଦ୍ରକ ଜିଲ୍ଲା ଚାନ୍ଦବାଲି ବ୍ଲକ ଅନ୍ତର୍ଗତ ସୁନ୍ଦରପୁର ଗ୍ରାମ ପଞ୍ଚାୟତ ସ୍ଥିତ କୁଲେଇପଦା ଗ୍ରାମର ୧୧ ନମ୍ବର ୱାର୍ଡରେ ଥିବା ଅଙ୍ଗନବାଡ଼ି କେନ୍ଦ୍ରରେ ଗତବର୍ଷ ଅଧା କାମ ହୋଇ ପଡ଼ିରହିଛି । ଅଙ୍ଗନବାଡ଼ି କେନ୍ଦ୍ର ଭୂତ କୋଠରୀ ପାଲଟି ଗଲାଣି ଏଥିପାଇଁ ବହୁତ ଅସୁବିଧାରେ ସମ୍ମୁଖୀନ ହେଉଛନ୍ତି କୁନି କୁନି ଛାତ୍ରଛାତ୍ରୀ ମାନେ ଛୋଟ ପିଲାଙ୍କ ପାଠପଢ଼ା ଏବେ ଅନ୍ଧାରରେ । ଗ୍ରାମର ଅନ୍ୟ ଜଣଙ୍କ ବାସ ଗୃହରେ ଛାତ୍ରଛାତ୍ରୀମାନେ ପଢୁଥିବାର ଦୃଶ୍ୟ ଦେଖିବାକୁ ମିଳିଛି ହେଲେ ସେ ଘରର ଅବସ୍ଥା ଦୟନୀୟ । ଗ୍ରାମବାସୀମାନେ ବାରମ୍ବାର ଶିକ୍ଷା ଅଧିକାରୀଙ୍କ ନିକଟରେ ଅଭିଯୋଗ କଲା ପରେ ବି ଏହାର ସମାଧାନ ହୋଇପାରୁନି । ଯାହାକୁ ନେଇ ଗ୍ରାମବାସୀମାନଙ୍କ ତରଫରୁ ଅନୁରୋଧ କରାଯାଇଛି ଯେ, ଯଦି ଶିକ୍ଷା ମନ୍ତ୍ରୀ ମହୋଦୟ ଓ ଜିଲ୍ଲା ପ୍ରଶାସନ ଏହା ଉପରେ ଦୃଷ୍ଟି ଦିଅନ୍ତେ ଏହାର ସମାଧାନ ହୋଇପାରନ୍ତା ବୋଲି ସାଧାରଣରେ ଆଲୋଚନା ହେଉଛି ।

# ମହାନଦୀ ପଠାରେ ଗଡ଼ିଆ ଖୋଲୁଛନ୍ତି ଇଟାଭାଟି ମାଲିକ

## ଧୃତରାଷ୍ଟ୍ର ଓ ଗାନ୍ଧାରୀ ସାଜିଛନ୍ତି ତହସିଲଦାର ଏବଂ ମାଇନିଂ ଅଧିକାରୀ



ତିର୍ତ୍ତୋଲ (ଭିଓଭି): ନଦୀପଠା ରୁ ଶହଶହ ଟ୍ରିପ ମାଟି ଚୋରି କରି ଇଟା ଭାଟି ମାଲିକ ମାନେ ପୋଡା ଇଟା ଭଳି ନାଲି ପଡିଗଲେଣି, ମାଟି ଚୋରି କରି ନଦୀପଠା ସାରା ଗଡିଆ ମଧ୍ୟ କରିସାରିଲେଣି, ହେଲେ ପ୍ରଶାସନ ଆଖିରେ ଅନ୍ଧପୁଟୁଳି ବାନ୍ଧି ଅନ୍ଧଏବଂ ମୁକ ର ଅଭିନୟ କରୁଛି । ସୂଚନା ଅନୁସାରେ ତିର୍ତ୍ତୋଲ ବ୍ଲକ ମଣିଜଙ୍ଗା ପଞ୍ଚାୟତ ମହାନଦୀ ପଠାରୁ ଇଟା ଭାଟି ମାଲିକ ଜେସିବି ମେସିନ ସାହାର୍ଯ୍ୟରେ ମହାନଦୀ ପଠାରୁ ଶହଶହ ଟ୍ରିପ ମାଟି ଉଠାଇ ନେଉଥିବା ଦେଖିବାକୁ ମିଳିଛି । ଖାଲି ମଣିଜଙ୍ଗା ପଞ୍ଚାୟତ ନୁହେଁ ତିର୍ତ୍ତୋଲ ପଞ୍ଚାୟତ ସୀମାରେ ଥିବା ମହାନଦୀ ପଠା ମଧ୍ୟ ବାଦ ପଡିନି ଇଟାଭାଟି ମାଲିକଙ୍କ ଅଶୁଭ ଦୃଷ୍ଟିରୁ । ମହାନଦୀ ପଠା ସାରା ଛୋଟବଡ଼ ଗଡିଆ ସୃଷ୍ଟି ହେଲାଣି । ଏଠି ପ୍ରଶ୍ନ ଉଠୁଛି ମହାନଦୀ ପଠାରୁ ମାଟି ଉଠାଇବା ପାଇଁ ଇଟା ଭାଟି ମାଲିକ ମାନଙ୍କୁ ଅନୁମତି ଦେଲା କିଏ କାହା ବଳରେ ଏମାନେ ଏତେ ବଳିଆନ ମହାନଦୀ ପଠାରୁ ମାଟି ଉଠାଯାଇ ପାରିବ ନାହିଁ ବୋଲି ମଣିଜଙ୍ଗା ଜଳସେଚନ ବିଭାଗ ସହକାରୀ ଯନ୍ତ୍ରୀ କହୁଥିବାବେଳେ ତିର୍ତ୍ତୋଲ ତହସିଲଦାର ମଧ୍ୟ ସମାନ କଥା କହୁଛନ୍ତି । ଇଟା ଭାଟିମାଲିକ ମାନେ ବିଭାଗୀୟ ଅସାଧୁ କର୍ମଚାରୀ ଙ୍କୁ ହାତଗୁଞ୍ଜା ଦେଇ ରାତିସାରା ମାଟି ଉଠାଉଛନ୍ତି ରାତିସାରା । ବେଆଇନ ଭାବେ ଇଟା ଭାଟି ଚଲାଇ ନିଜ ପକେଟ ଗରମ କରୁଥିବେଳେ ଅନ୍ୟ ଇଟା ଭାଟି ତିର୍ତ୍ତୋଲ କୁ ମାଟି ବିକ୍ରି କରି ମୋଟା ଅଙ୍କର ଅର୍ଥ ରୋଜଗାର କରୁଥିବା ମଧ୍ୟ ଶୁଣିବାକୁ ମିଳୁଛି । ମାଟି ଉଠାଇବା ଫଳରେ ନଦୀପଠା ସାରା ଏକାଧିକ ଗଡିଆ ସୃଷ୍ଟି ହୋଇଥିଲେ ମଧ୍ୟ ତାହା କେମିତି ମାଇନିଂ ଅଧିକାରୀ ଏବଂ ତିର୍ତ୍ତୋଲ ତହସିଲଦାର ଙ୍କ ଦୃଷ୍ଟିଗୋଚର କୁ ଆସୁନାହିଁ ଯାହାକୁ ନେଇ ଏକ ପ୍ରଶ୍ନବାଚୀ ସୃଷ୍ଟି ହେଲାଣି । ନା ବାବୁ ମାନେ ନିଜ ନିଜ ପକେଟ ଗରମ କରି ଆଖିରେ ଅନ୍ଧପୁଟୁଳି ବାନ୍ଧି ଚୁପ ହୋଇ ବସିଯାଇଛନ୍ତି । ଦେଖିବାକୁ ରହିଲା ଖବର ପ୍ରସାରଣ ପରେ ଆଗାମୀ ଦିନରେ ଜିଲ୍ଲା ପ୍ରଶାସନ ଏଦିଗରେ କିପଦକ୍ଷେପ ନେଉଛି ।

## ଚମ୍ପୁଆରେ ମନରେଗା ଯୋଜନା ବାଟବଣା : ଶ୍ରମିକଙ୍କ ଦାନା ମାରୁଛି ମେସିନ

ଚମ୍ପୁଆ,(ଭିଓଭି): ଚମ୍ପୁଆ ବ୍ଲକର ବିଭିନ୍ନ ପଂଚାୟତରେ ହେଉଥିବା ମନରେଗା ଯୋଜନା ମୂଳ ଉଦେଶ୍ୟ ଠାରୁ ବିଚ୍ୟୁତ ହେଉଥିବା ନେଇ ଅଭିଯୋଗ ହେଉଛି । ପଂଚାୟତ ବାସୀଙ୍କ ସ୍ୱାର୍ଥକୁ ଦୃଷ୍ଟିରେ ରଖି ପ୍ରତିବର୍ଷ ଚେକଡ୍ୟାମ ନିର୍ମାଣ, ରାସ୍ତା ଉନ୍ନୟନ, ପୋଖରୀ ଖନନ, ପୋଖରୀ ପୁନଃଉଦ୍ଧାର, ଚାଷ ଉପଯୋଗୀ ଜମିର ଉର୍ନ୍ନତି କରଣ ପରି ବିଭିନ୍ନ କାମ ପାଇଁ ମନରେଗା ଯୋଜନାରେ କୋଟି କୋଟି ଟଙ୍କାର ଅନୁଦାନ ଯୋଗାଇ ଦିଆ ଯାଉଥିବା ବେଳେ ବିଭିନ୍ନ ପଂଚାୟତରେ ହେଉଥିବା ମନରେଗା କାର୍ଯ୍ୟ ଗୁଡିକରେ ବ୍ୟାପକ ଅନିୟମିତତା ଦେଖିବାକୁ ମିଳୁଛି । ପଂଚାୟତ ନିର୍ବାହୀ ଅଧିକାରୀ ଓ ସ୍ଥାନୀୟ ଜନ ପ୍ରତିନିଧିଙ୍କ ମଧୁଚନ୍ଦ୍ରିକାରେ ଯୋଜନାର ନିର୍ଦ୍ଦେଶାବଳିକୁ ଫୁ କରି ଅଧିକ ମୁନାଫା କମାଇବା ଆଶାରେ ଅଧାରାତିରେ ମେସିନ ସାହାଯ୍ୟରେ କାମ କରା ଯାଉଛି । ଯାହା ଦ୍ୱାରା ସ୍ଥାନୀୟ ଲୋକେ କାମ ନ ପାଇ ହାତ ବାନ୍ଧି ବସିଥିବା ଅଭିଯୋଗ ହେଉଛି ।


# ଗାଁ କୁ ନାହିଁ ପକ୍କା ରାସ୍ତା , ଖଟିଆରେ ବୁହା ହେଲେ ଗର୍ଭବତୀ ମହିଳା ଏବଂ ନବଜାତ ଶିଶୁ



ଧର୍ମଗଡ଼ (ଭିଓଭି): ଗାଁ କୁ ଭଲ ରାସ୍ତା ଖଣ୍ଡେ ନ ଥିବାରୁ ଯାଇ ପାରିଲାନି ଆମ୍ବୁଲାନ୍ସ । ଯାହା ଫଳରେ ଜଣେ ଗର୍ଭବତୀ ମହିଳାଙ୍କୁ ଖଟିଆରେ ବୋହି ୨ କିଲୋମିଟର୍ ଦୂରରେ ଛିଡ଼ା ହୋଇଥିବା ଆମ୍ବୁଲାନ୍ସ ପର୍ଯ୍ୟନ୍ତ ନେଇ ଛାଡ଼ିଲେ ପରିବାର ଲୋକେ । ଏଭଳି ଦୁଃଖଦ ଚିତ୍ର ସାମ୍ନାକୁ ଆସିଛି କଳାହାଣ୍ଡି ଜିଲ୍ଲା ଧର୍ମଗଡ଼ ବ୍ଲକ୍ ଧନରପୁର ପଞ୍ଚାୟତ ଆମ୍ବଗୁଡ଼ା ମାଳପଡ଼ା ଗ୍ରାମରୁ । ସୂଚନା ମତେ ଗ୍ରାମର ଦାମୋଦର ମାଝୀଙ୍କ ସ୍ତ୍ରୀ ଗୋମତୀ ମାଝୀଙ୍କ ପ୍ରସବ ଯନ୍ତ୍ରଣା ହେବାରୁ ୧୦୮ ଆମ୍ବୁଲାନ୍ସକୁ ଯୋଗାଯୋଗ କରିଥିଲେ । ତେବେ କାଦୁଅ ରାସ୍ତା ଯୋଗୁଁ ଆମ୍ବୁଲାନ୍ସ ଆମ୍ବଗୁଡା ନିକଟ ୨ କିଲୋମିଟର ଦୂର ମୁଖ୍ୟ ରାସ୍ତାରେ ଅଟକି ରହିଥିଲା । ଏପଟେ ପ୍ରସବ ଯନ୍ତ୍ରଣାରେ ଛଟପଟ ହେଉଥାନ୍ତି ଗର୍ଭବତୀ ମହିଳା । ପରିବାର ଲୋକେ କୌଣସି ଉପାୟ ନ ପାଇ ରାତି ଦଶ ଘଣ୍ଟା ସମୟ ରେ ଆଶାକର୍ମୀ ଓ ସମ୍ପର୍କୀୟଙ୍କ ସହଯୋଗରେ ଏକ ଖଟିଆରେ ବୋହି ଆମ୍ବୁଲାନ୍ସ ପର୍ଯ୍ୟନ୍ତ ନେଇ ଥିଲେ । ସେଠାରୁ ଆମ୍ବୁଲାନ୍ସ ଯୋଗେ ପର୍ଲା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ନେଇ ଭର୍ତି କରାଯାଇଥିଲା । ଡ଼ାକ୍ତରଖାନାରେରେ ଏକ ଶିଶୁ କନ୍ୟା ଜନ୍ମ ପରେ ପରିବାର ଲୋକେ ଏକ ଭଡ଼ା ଗାଡ଼ି ସାହାଯ୍ୟରେ ଗାଁକୁ ଫେରିଥିଲେ ମଧ୍ୟ ଗାଡ଼ି ଡ୍ରାଇଭର କାଦୁଅ ରାସ୍ତା ରେ ଯିବାକୁ ମନା କରି ସେହିଠାରେ ଛାଡ଼ି ଯାଇଥିଲା । ସେଠାରୁ ପୁଣି ମାଁ ଓ ନବଜାତ ଶିଶୁ କୁ ଖଟିଆରେ ବୋହି ଘରକୁ ଆଣି ଥିଲେ । ତେବେ ସରକାର ଗ୍ରାମାଞ୍ଚଳ ରାସ୍ତା ଉନ୍ନତି କରଣ ପାଇଁ କୋଟି କୋଟି ଟଙ୍କା ଖର୍ଚ୍ଚ କରୁଥିଲେ ମଧ୍ୟ ଉକ୍ତ ଗ୍ରାମ ଅବହେଳିତ ହୋଇ ରହିଛି । ଦୀର୍ଘବର୍ଷ ହେବ ପକ୍କା ରାସ୍ତା ପାଇଁ ସ୍ଥାନୀୟ ବିଧାୟକ, ଜନ ପ୍ରତିନିଧି ଙ୍କୁ ଗୁହାରି କରିଥିଲେ ମଧ୍ୟ କୌଣସି ସୁଫଳ ମିଳିନଥିବା କହିଛନ୍ତି ଗ୍ରାମର ରବି ମାଝୀ, ଧୁସାସନ ମାଝୀ, ମେଘନାଦ ମାଝୀ, ସସ୍ମିତା ଧାରୁଆ,ଓଷା ମାଝୀ, ଚନ୍ଦ୍ରକଳା ମାଝୀ । ଅତୀତରେ ମଧ୍ୟ ଅନେକ ରୋଗୀଙ୍କୁ ଖଟିଆରେ ବୋହି ଡାକ୍ତରଖାନା ନେଇଥିବା ପ୍ରକାଶ କରନ୍ତି ମାଳ ପଡ଼ା ବାସି । ପ୍ରଶାସନ ଏଥିପ୍ରତି ଦୃଷ୍ଟି ଦେଇ ମୁଖ୍ୟ ରାସ୍ତାରୁ ପଡ଼ା ପର୍ଯ୍ୟନ୍ତ ପକ୍କା ରାସ୍ତା ନିର୍ମାଣ କରିବାକୁ ଦାବି ହେଉଛି ।

# ଚାଲିଛି ବିପଦ ପୂର୍ଣ୍ଣ ପ୍ରାଣୀ ଚିକିତ୍ସା, ନୂତନ ଗୃହ ନିର୍ମାଣ ଆରମ୍ଭରୁ କାମ ଛାଡି ଚାଲି ଗଲେ ଠିକାଦାର

ଫିରିଙ୍ଗିଆ, (ଭିଓଭି): କନ୍ଧମାଳ ଜିଲ୍ଲା ଫିରିଙ୍ଗିଆ ବ୍ଲକରେ ପ୍ରାଣୀ ସମ୍ପଦ ଚିକିତ୍ସା ସେବା ବର୍ତମାନ ବିପଦରେ ଯେଉଁଠି ସାଧାରଣ ଭାବରେ ବିଭାଗୀୟ ଅଧିକାରୀ ଠାରୁ କର୍ମଚାରୀ ସୁରକ୍ଷିତ ନୁହନ୍ତି ସେଠି ପ୍ରାଣୀ ଚିକିତ୍ସା କିଭଳି ହେଉଥିବ ତାହା ବର୍ତମାନ ପ୍ରଶ୍ନବାଚୀ ଶୃଷ୍ଟି କରିଛି । ବ୍ଲକ ରେ ଥିବା ମୁଖ୍ୟ ପ୍ରାଣୀ ସମ୍ପଦ କାର୍ଯ୍ୟାଳୟ ଭଙ୍ଗା ଦଦରା ଅବସ୍ଥାରେ ପଡିରହିଥିବା ବେଳେ ବ୍ଲକ ର ଗୋଛାପଡ଼ା, ପ୍ରାଣୀ ସମ୍ପଦ କାର୍ଯ୍ୟାଳୟ ମଧ୍ୟ ଦୟନୀୟ ଅବସ୍ଥାରେ ଗତି କରୁଛି । ଏହି ଗୋଛାପଡା ପ୍ରାଣୀ ସମ୍ପଦ ସହାୟକ କେନ୍ଦ୍ର ଗୃହ କାର୍ଯ୍ୟାଳୟ କାହିଁ କେଉଁ କାଳରୁ ନିର୍ମାଣ କରାଯାଇଥିବା ବେଳେ ପାଞ୍ଚରୁ ଅଧିକ ଥର



ମରାମତି କରାଯାଇଛି । ବର୍ତମାନ ପରିସ୍ଥିତିରେ କାର୍ଯ୍ୟାଳୟ ବିପଦ ପୂର୍ଣ୍ଣ ଅବସ୍ଥାରେ ଛାତ ଉପରେ ଜରି ପାଲ ଦେଇ କାର୍ଯ୍ୟାଳୟ ଚାଲିଥିବା ବେଳେ ଘର ଭିତରେ ସରକାରୀ କାଗଜ ପତ୍ର ଓ ଗଡ଼ରେଜ ମଧ୍ୟ ଜରି ପାଲ ଘୋଡାଇ ରଖାଯାଇଥିବା ବେଳେ ଚତୁର୍ପାଶ୍ୱ କାନ୍ଥ ଭାଙ୍ଗି ବିପଦପୂର୍ଣ୍ଣ ଭାବରେ ଫାଟି ଆଁ କଲାଣି ଯାହାଦ୍ୱାରା କାର୍ଯ୍ୟାଳୟ ଭିତରେ ପଶିବା ମଧ୍ୟ ଜୀବନ ପ୍ରତି ବିପଦ ପୂର୍ଣ୍ଣ ରହିଛି । ତଥାପି ଜୀବନକୁ ବାଜି ଲଗାଇ କାର୍ଯ୍ୟାଳୟ ର ଭି ଏସ ସ୍ୱସ୍ତିକ ପାଣିଗ୍ରାହୀ, ସହାୟିକା ସସ୍ମିତା ପୃଷ୍ଟିଙ୍କ ସହ କାର୍ଯ୍ୟାଳୟ ର କର୍ମଚାରୀ ବହୁ ଅସୁବିଧା ରେ ବିପଦପୂର୍ଣ୍ଣ ଭାବରେ ଚିକିତ୍ସା ସେବା ଯୋଗାଇ ଆସୁଛନ୍ତି । ବର୍ତମାନ ବିଭାଗୀୟ ଅଧିକାରୀ ହେଉ କି ସରକାର ପ୍ରାଣୀ ସମ୍ପଦ ସୁରକ୍ଷାକୁ ଗୁରୁତ୍ୱ ଦେଉ ନଥିବାରୁ ବିପଦରେ ପ୍ରାଣୀ ସମ୍ପଦ ଓ କାର୍ଯ୍ୟାଳୟ କର୍ମଚାରୀ । ଅନ୍ୟପଟେ ଗତ ୨୨ - ୨୩ ମସିହାରେ ଗୋଛାପଡ଼ା ଠାରେ ଏକ ପାଖା ପକ୍ଷୀ ୧ କୋଟି ଟଙ୍କା ବ୍ୟୟରେ ପ୍ରାଣୀ ସମ୍ପଦ ବିଭାଗ ର କାର୍ଯ୍ୟାଳୟ ଗୃହ ନିର୍ମାଣ ପାଇଁ ବ୍ୟୟ ବରାଦ ହେବା ସହ ଏହି କାର୍ଯ୍ୟକୁ ଜଣେ ଠିକାଦାରକୁ ଦିଆ ଯାଇଥିଲେ ମଧ୍ୟ ଠିକାଦାର କେବଳ କାମ ଆରମ୍ଭ କରି କେତୋଟି ପିଲର ଠିଆ କରି କାମ ଛାଡି କେଉଁ ଆଡେ ଉଭାନ ହୋଇଥିବା ବେଳେ କାମ ଆରମ୍ଭରୁ ତାହା ପଡିରହିବା ଦ୍ୱାରା କାର୍ଯ୍ୟାଳୟ ଗୃହ ସରିବା ପରିବର୍ତ୍ତେ ଭଙ୍ଗା କାର୍ଯ୍ୟାଳୟ ଗୃହରେ ପ୍ରାଣୀ ସମ୍ପଦର ଚିକିତ୍ସା ଚାଲିଛି କ୍ଷ ଏହି ଘଟଣା ରେ ତୁରନ୍ତ ପଦକ୍ଷେପ ଗ୍ରହଣ କରି କନ୍ଧମାଳ ଜିଲ୍ଲାପାଳ ଦୃଷ୍ଟି ଦେଇ ଠିକାଦାର ବିରୁଦ୍ଧରେ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରି ତୁରନ୍ତ କାର୍ଯ୍ୟାଳୟ ଗୃହ କୋଠା ନିର୍ମାଣ କରାଇବା ।

# From Amrit to Poison: How Chemical Farming Hijacked Our Soil and Soul

Once upon a time, farming was sacred. It was a symphony of soil, seeds, sunlight, and soul. The Earth was a mother, not a marketplace. Food was Amrit - nectar of life, not a cocktail of carcinogens. Farmers were custodians of nature, not victims of multinational greed. But everything changed when a so-called "revolution" arrived - wrapped in plastic promises and chemical lies.


The Organic Legacy: A Civilization Rooted in Nature*

For thousands of years, civilizations thrived on organic farming. From the terraces of the Incas to the monsoons of Bharat, nature was the farmer's guide. Compost, cow dung, green manure, crop rotation, and indigenous seeds formed the backbone of resilient agriculture. No cancer, no infertility, no soil erosion. Just pure food and healthy generations.

In Vedic India, farming was not just an economic activity — it was Yajna (sacred offering). The soil was Bhoomi Devi, and the farmer, her priest. The cow was revered, and Gomaya (cow dung) was gold. The concept of "Ritam"— the cosmic order — governed our balance with nature.

The Arrival of the Poison: Who Started Chemical Farming?

The roots of chemical farming trace back to World War I and II. Factories that once manufactured explosives began converting ammonium nitrate into fertilizers. Pesticides like DDT were developed from chemical warfare technologies. These were never meant to enter our food system — they were weapons, now weaponizing our food.



The so-called "Green Revolution" of the 1960s, heavily pushed by Western nations and corporations, introduced high-yielding varieties (HYVs), synthetic fertilizers, and chemical pesticides. India, manipulated by fear of famine and fed colonial inferiority, embraced it.

It wasn't a revolution. It was an invasion.

**The Cost of this 'Green' Mirage**

- Soil Degradation: Fertile lands have turned into lifeless dirt. Earthworms — once called the 'farmer's best friend' -are vanishing.
- Water Contamination: Nitrates from fertilizers seep into groundwater, causing cancer, blue baby syndrome, and endocrine disorders.
- Health Crisis: Pesticide-laden food is linked to cancer, hormonal imbalances, neurological disorders, and infertility.
- Farmer Suicides: Caught in a cycle of debt due to rising input costs and corporate dependency, thousands of farmers have taken their own lives.
- Loss of Diversity: Indigenous seeds and traditional wisdom are lost, replaced by genetically manipulated hybrids owned by multinationals.

The Awakening: Return to Organic, Return to Sanity

It is time to say "No More". Time to reclaim our soil, our seed, our soul.

Go back to ZBNF (Zero Budget Natural Farming). Return to Rishi-Krishi, Vedic farming, and community-supported agriculture. Adopt practices like Panchagavya, Jeevamrut, Mulching, Mixed Cropping, and seed saving. Let the cow return to the center of our farming systems.

Let us be intelligent species again — not slaves of chemicals and corporates.

Amrit Bhojan: The Future is Ancient

A true revolution is not in new chemicals. It's in rediscovering ancient wisdom. Eat what your ancestors ate. Grow what your soil loves. Respect the Earth - for she gives unconditionally.

Let us not feed our children poison and call it progress. Let us give them "Amrit", not agony.

Say it loud. Share it wide.

Go back to Organic. Go back to Truth."Be a Bhumi Putra — not a chemical puppet.

Farming is not business. It is Bhakti."



**Nihar Ranjan Acharya**

***Founder and Working Director, Trust***

***Ph. 8249775817***

*Email: niharacharya1973@gmail.com*



# POTENTIAL DEMERITS OF STAY ORDERS GRANTED BY HIGH COURTS OR THE SUPREME COURT



**Sanjaya Kumar Sahoo**
**M.Sc., M.A, LL.M.**
**Director Legal Affairs, SOA**
**Former District & Sessions Judge.**
**Ph:8270203063**
E-Mail: sksahoo.judiciary@gmail.com

While a stay order is granted by a High Court or the Supreme Court it can provide much-needed relief from ongoing legal proceedings. It also has potential drawbacks. These include potential delays in the justice system, the possibility of misuse by parties, and the risk of injustice if the stay is ultimately deemed unjustified.

An interim injunction or relief is often referred to as the "strong arm of the courts of equity" as its origin can be traced to the equity Jurisprudence of England from which we have inherited the present system for the administration of law. Interim relief by its very nature operates in favour of one party against another, this raises one apparent question, what should be the validity period of such orders, if any and once such relief is granted when can it be vacated or modified?

A stay order, which temporarily suspends the operation of a lower court's order or a pending legal action is issued by a High Court or the Supreme Court when certain conditions are met. These conditions generally involve a prima facie case (a case with apparent merit), the balance of convenience favoring the party seeking the stay, and the potential for irreparable harm if the stay is not granted.

CONDITIONS FOR GRANTING A STAY ORDER:

- Prima Facie Case:

The applicant must demonstrate that there is a strong legal basis for their case and that it has a reasonable chance of success.

- Balance of Convenience:

The court must weigh the potential harm to both parties if the stay is granted or not granted. The balance of convenience should in favorof the applicant.

- Irreparable Loss:

The applicant must show that they will suffer significant and irreversible harm if the stay is not granted.

NEGATIVE IMPACTS OF STAY ORDERS ON ON-GOING COURT PROCEEDINGS.

**i.** Delay in Justice:

Stay orders can significantly delay the final decision of a case, potentially causing hardship to the other party involved. This is particularly true when the stay order is extended or when the case is prolonged due to the stay.

**ii.** Misuse of Stay Orders:

There is a risk that parties may seek stay orders strategically to delay proceedings, even when there is no genuine legal basis. This can lead to an abuse of the legal process and create further delays.

**iii.** Unjustified Stays:

If a stay order is granted without proper justification or of at the later stage it is found to be unjustified, it can cause significant injustice to the party against whom the stay order was granted. They may suffer financial losses, reputational damage, or other adverse consequences while the stay is in effect.

**iv.** Difficulty in Obtaining and Lifting Stays:

While stay orders can provide temporary relief, obtaining and subsequently lifting them can sometimes be a complex and time-consuming process, adding to the overall burden on the judicial system.

**v.** Unequal Access to Justice:

In some cases, parties with greater resources may be better able to secure stay orders, potentially creating an imbalance in access to justice. This can be a concern when the stay order significantly impacts the rights or interests of the other party.

**vi.** Potential for Corruption:

In some cases, there is a possibility of corruption or improper influence in the granting or maintenance of stay orders, although this is not a common occurrence.

# ଅଣସେବାୟତ ରଥ ଉପରକୁ ଚଢ଼ିପାରିବେ ନାହିଁ : ଆଇନ୍ ମନ୍ତ୍ରୀ



ପୁରୀ(ଭିଓଭି): ବିଶ୍ୱ ପ୍ରସିଦ୍ଧ ରଥଯାତ୍ରା ପାଇଁ ପୁରୀରେ ଜୋରଦାର ପ୍ରସ୍ତୁତି ଚାଲିଛି। ଜୁନ ୨୭ ତାରିଖ ମହାପ୍ରଭୁଙ୍କ ରଥଯାତ୍ରା ହେବ। ଏଥି ପାଇଁ ରାଜ୍ୟ ସରକାର, ପୁରୀ ଜିଲ୍ଲା ପ୍ରଶାସନ ଓ ଶ୍ରୀମନ୍ଦିର ପ୍ରଶାସନ ବିଭିନ୍ନ ପଦକ୍ଷେପ ନେଇଛନ୍ତି। ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ କହିଛନ୍ତି, ପୁରୀରେ ରୀତିନୀତି ଦୃଷ୍ଟିରୁ ସବୁ ଠିକଠାକ୍ ଚାଲିଛି। ମହାପ୍ରଭୁଙ୍କର ପହଣ୍ଡିବିଜେ ଠିକ ସମୟରେ ସରିବ। ସମୟ ନିର୍ଘଣ୍ଟ ଅନୁଯାୟୀ ଏହା ଶେଷ ହେବ। ରଥ ଉପରକୁ ମୋବାଇଲ ଯାଇପାରିବ ନାହିଁ। ଅଣସେବାୟତ ରଥ ଉପରକୁ ଗଲେ ପୁଲିସକୁ ଦିଆଯିବ। ପୂର୍ବରୁ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଅରବିନ୍ଦ ପାଢ଼ୀ କହିଥିଲେ ଘୋଷଯାତ୍ରା ବେଳେ ଅଣସେବାୟତ ରଥ ଉପରକୁ ଚଢ଼ି ପାରିବେ ନାହିଁ। କୌଣସି ପ୍ରକାର ଅନଧିକୃତ କାର୍ଯ୍ୟ କଲେ କାର୍ଯ୍ୟାନୁଷ୍ଠାନ ନିଆଯିବ। ରଥ ଉପରକୁ ମୋବାଇଲ ନେବାକୁ ବାରଣ କରାଯାଇଛି। ଏଣିକି କେବଳ ମୋବାଇଲ ସିଜ ନୁହେଁ, ଫୌଜଦାରୀ ମାମଲା ରୁଜୁ ହେବ। ଶ୍ରୀମନ୍ଦିରର ମୁଖ୍ୟ ପ୍ରଶାସକ ଭାବେ ଗତବର୍ଷ ଜୁଲାଇ ମାସରେ ଅରବିନ୍ଦ ପାଢ଼ୀ ଦାୟିତ୍ୱ ନେଇଥିଲେ। ସେ ଦାୟିତ୍ୱ ନେବା ପରେ ରଥଯାତ୍ରା-୨୦୨୪ରେ ହୋଇଥିବା ବିଶୃଙ୍ଖଳା ଓ ବାହୁଡ଼ାଯାତ୍ରା-୨୦୨୫କୁ ନେଇ ଆକ୍ସନମୋଡକୁ ଆସିଥିଲେ। ଦାୟିତ୍ୱ ନେବା ପରେ ସେ କହିଥିଲେ, ଯଦି କୌଣସି ସେବାୟତ ରଥ ଉପରକୁ ମୋବାଇଲ ନେଇ ଯାଆନ୍ତି, ତେବେ ସେମାନଙ୍କ ଉପରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ରଥ ଉପରେ ରହି କୌଣସି ସେବାୟତ ଫଟୋ କିମ୍ବା ଭିଡିଓ କରିପାରିବେ ନାହିଁ।

# ହାଇକୋର୍ଟଙ୍କ ଗୁରୁତ୍ୱପୂର୍ଣ୍ଣ ରାୟ

## ସ୍ୱାମୀଙ୍କ ଶାରୀରିକ ଦୁର୍ବଳତାକୁ ନେଇ ଅପଶବ୍ଦ ବିବାହ ବିଚ୍ଛେଦ ପାଇଁ ପର୍ଯ୍ୟାପ୍ତ



କଟକ, (ଭିଓଭି):ସ୍ୱାମୀଙ୍କ ଶାରୀରିକ ଦୁର୍ବଳତା/ଅକ୍ଷମତା ପ୍ରସଙ୍ଗରେ ଆକ୍ଷେପ କରି ମନ୍ତବ୍ୟ ଦେବା ଓ ତାଙ୍କର ଏଭଳି ସ୍ଥିତି ନେଇ ଅପମାନଜନକ ଶବ୍ଦ ପ୍ରୟୋଗ କରିବା ଏକ ପ୍ରକାର ମାନସିକ ନୃଶଂସତା। ବିବାହ ବିଚ୍ଛେଦ ନିର୍ଦ୍ଦେଶ ପ୍ରଦାନ ପାଇଁ ଏପରି କାରଣ ପର୍ଯ୍ୟାପ୍ତ ଆଧାର ବୋଲି ହାଇକୋର୍ଟ କହିଛନ୍ତି। ଏଥି ସହିତ ସ୍ୱାମୀଙ୍କ ଆବେଦନକୁ ଗ୍ରହଣ କରି ବିବାହ ବିଚ୍ଛେଦ ସପକ୍ଷରେ ପୁରୀ ପରିବାର ଅଦାଲତ ପ୍ରଦାନ କରିଥିବା ରାୟକୁ ହାଇକୋର୍ଟ କାଏମ ରଖିଛନ୍ତି। ଜଷ୍ଟିସ୍ ବିଭୁପ୍ରସାଦ ରାଉତରାୟ ଓ ଜଷ୍ଟିସ୍ ଚିତ୍ତରଂଜନ ଦାଶଙ୍କୁ ନେଇ ଗଠିତ ଖଣ୍ଡପୀଠ ପ୍ରକାଶ କରିଥିବା ରାୟରେ ଉଲ୍ଲେଖ କରାଯାଇଛି ଯେ ଶାରୀରିକ ଦୁର୍ବଳତା ପ୍ରସଙ୍ଗରେ ସ୍ୱାମୀଙ୍କ ବିରୋଧରେ ପତ୍ନୀ ଏପରି ମନ୍ତବ୍ୟ ଦେବା ତାଙ୍କୁ ମାନସିକ କଷ୍ଟ ଦେଉଥିବ। ଏପରି ବ୍ୟବହାର ସ୍ୱାମୀଙ୍କ ପ୍ରତି ପତ୍ନୀଙ୍କ ଚିନ୍ତାଧାରା ଓ ସମ୍ମାନକୁ ପ୍ରକାଶ କରୁଛି। ସ୍ୱାମୀ-ସ୍ତ୍ରୀ ସଂପର୍କରେ ଶାରୀରିକ ଦୁର୍ବଳତା ସତ୍ତ୍ୱେ ସ୍ୱାମୀଙ୍କୁ ପତ୍ନୀ ସମର୍ଥନ ଦେବେ ବୋଲି ଆଶା କରାଯାଏ। ଏହି ମାମଲାରେ ସ୍ୱାମୀଙ୍କ ଶାରୀରିକ ଦୁର୍ବଳତା ପାଇଁ ପତ୍ନୀ ଆକ୍ଷେପ କରିବା ସହିତ କଟୁ ଟିପ୍ପଣୀ ଦେଉଥିବା ସ୍ପଷ୍ଟ ହୋଇଛି। ମାନସିକ ନୃଶଂସତା ଆଧାରରେ ପୁରୀ ପରିବାର ଅଦାଲତ ବିବାହ ବିଚ୍ଛେଦ ପାଇଁ ପ୍ରଦାନ କରିଥିବା ନିର୍ଦ୍ଦେଶକୁ ହାଇକୋର୍ଟ କାଏମ ରଖିଛନ୍ତି। ଅନ୍ୟପକ୍ଷରେ ପତି-ପତ୍ନୀଙ୍କ ଆୟ ସଂପର୍କିତ କୌଣସି ତଥ୍ୟ ମାମଲାର ରେକର୍ଡରେ ନଥିଲା। ଏଭଳି ସ୍ଥିତିରେ ହିନ୍ଦୁ ବିବାହ ଆଇନ ଅନୁସାରେ ପତ୍ନୀ ସ୍ଥାୟୀ ଭରଣ ?ପୋଷଣ ମଞ୍ଜୁର ଓ ସ୍ତ୍ରୀଧନ ଫେରସ୍ତ ଦାବି ପ୍ରସଙ୍ଗକୁ ପରିବାର ଅଦାଲତରେ ଉଠାଇ ପାରିବେ ବୋଲି ହାଇକୋର୍ଟ କହିଛନ୍ତି।

ମାମଲାର ବିବରଣୀରୁ ପ୍ରକାଶ ଯେ ସ୍ୱାମୀ ଜଣେ ଦିବ୍ୟାଙ୍ଗ ହୋଇଥିବା ବେଳେ ସେ ପତ୍ନୀଙ୍କ ଦ୍ୱାରା ନିର୍ଯାତିତ ବୋଲି ଅଭିଯୋଗ କରିଥିଲେ। ୨୦୧୬ରେ ବିବାହ ହୋଇଥିବା ବେଳେ ୨୦୧୯ରେ ସ୍ୱାମୀ ପୁରୀ ପରିବାର ଅଦାଲତରେ ବିବାହ ବିଚ୍ଛେଦ ପାଇଁ ପତ୍ନୀଙ୍କ ବିରୋଧରେ ମାମଲା ରୁଜୁ କରିଥିଲେ। ତାଙ୍କ ଶାରୀରିକ ଦୁର୍ବଳତା ପ୍ରସଙ୍ଗକୁ ନେଇ ପତ୍ନୀ ଆକ୍ଷେପ କରିବା ସହିତ କଟୁ ଶବ୍ଦ ପ୍ରୟୋଗ କରି ମନ୍ତବ୍ୟ ଦିଅନ୍ତି ବୋଲି ସ୍ୱାମୀ ଅଭିଯୋଗ କରିଥିଲେ। ଅଦାଲତରେ ସାକ୍ଷ୍ୟ ଗ୍ରହଣ ବେଳେ ସ୍ୱାମୀ ମଧ୍ୟ ତାଙ୍କ ବୟାନରେ ସମାନ କଥା କହିଥିଲେ। ସ୍ୱାମୀଙ୍କ ଏପରି କଥାକୁ ଭୁଲ ବୋଲି ଅଦାଲତରେ ପ୍ରମାଣ କରାଯାଇ ପାରି ନଥିଲା। ପରିବାର ଅଦାଲତ ବିବାହ ବିଚ୍ଛେଦ ପାଇଁ ୨୦୨୩ରେ ରାୟ ଦେଇଥିଲେ। ପତ୍ନୀଙ୍କୁ କୌଣସି ସ୍ଥାୟୀ ଭରଣପୋଷଣ ମଞ୍ଜୁର ନ କରି ପରିବାର ଅଦାଲତ ବିବାହ ବିଚ୍ଛେଦ ରାୟ ପ୍ରଦାନ କରିଥିବାରୁ ଏପରି ରାୟକୁ ବିରୋଧ କରି ପତ୍ନୀ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ।

**CONTACT**

6371417361 voiceofvictimsnews@gmail.com

www.voiceofvictims.co.in

Follow/Like/Subscribe : Voice Of Victims News

Printed by **Gyana Ranjan Mishra** and published by **Gyana Ranjan Mishra** on behalf of Voice Of Victims Trust and Printed at M/S Bhagawati Electronic Process,D-3, Mancheswar Industrial Estate, Bhubaneswar,Khurda, Odisha, Pin- 751010 and Published at EB-24, Stage-V, Laxmisagar Brit colony, Bhubaneswar, Khurda, Odisha, Pin-751006

**Editor: Gyana Ranjan Mishra** ସମ୍ପାଦକ: ଜ୍ଞାନ ରଞ୍ଜନ ମିଶ୍ର